• Vol.- 45, Issue No. 322
• Sunday, 22 February 2026
• ରବିବାର, ୨୨ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଖୋର୍ଦ୍ଧାରେ ହେବ ସେମିକଣ୍ଡକ୍ଟର ଚିପ୍ ପ୍ଲାଣ୍ଟ



• ଢେଙ୍କାନାଳରେ ପ୍ରତିରକ୍ଷା ଉପକରଣ ନିର୍ମାଣ ୟୁନିଟ
• ୪୪ତମ ଏଚଏଲସିଏ ବୈଠକ:୪୪,୨୦୦ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରି
• ୮ ଜିଲ୍ଲାରେ ହେବ ୧୦ପ୍ରକଳ୍ପ: ପ୍ରାୟ ୯,୦୦୦ ନିଯୁକ୍ତି ସୁଯୋଗ
• ପୁଞ୍ଜି ଆକର୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୩-ସୂତ୍ରୀ ଆକ୍ସନ ପ୍ଲାନ

ଭୁବନେଶ୍ୱର, ୨୧।୨: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଶନିବାର ଅନୁଷ୍ଠିତ ୪୪ ତମ ହାଇ ଲେଭେଲ କ୍ଲିଅରାନ୍ସ ଅଥରିଟି(ଏଚଏଲସିଏ) ବୈଠକରେ ୪୪,୨୦୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ରାଜ୍ୟର ୮ଟି ଜିଲ୍ଲାରେ ଏହି ୧୦ଟି ପ୍ରକଳ୍ପ ସ୍ଥାପନ କରାଯିବ,ଯାହାଦ୍ୱାରା ପ୍ରାୟ ୯ ହଜାର ନିଯୁକ୍ତି ସୃଷ୍ଟି ହେବ । ଏହି ଜିଲ୍ଲାଗୁଡ଼ିକ ହେଉଛି- ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ, ପୁରୀ, ନୟାଗଡ଼, କଳାହାଣ୍ଡି ଓ ଦେବଗଡ଼ । ସେଥିର ଆର୍ଥ ମାନୁଫାକ୍ଚରିଙ୍ଗ୍, ସେମିକଣ୍ଡକ୍ଟର, ସିମେଣ୍ଟ, ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ଟେଲିକମ୍ ଭିତ୍ତିଭୂମି ଏବଂ ଶକ୍ତି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିବେଶ ପ୍ରସ୍ତାବ ଗୁଡ଼ିକୁ ମଞ୍ଜୁର କରାଯାଇଛି । ବୈଠକରେ ପୁଞ୍ଜି ଆକର୍ଷଣ ଓ ପୁଞ୍ଜି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ଉଚ୍ଚ ପ୍ରଦର୍ଶନ ପାଇଁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ,ଓଡ଼ିଶା ଏବେ ପାରମ୍ପରିକ ଶିଳ୍ପ ବ୍ୟତୀତ ଆଧୁନିକ, ଟେକ୍ନୋଲୋଜି ପରିଚାଳିତ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ,କେବଳ ପୁଞ୍ଜି ଆକର୍ଷଣ କରିବା ଆମର ଲକ୍ଷ୍ୟ ନୁହେଁ,ଏହା ଯେପରି ତୁରନ୍ତ କାର୍ଯ୍ୟକାରୀ ହେବ,ତାକୁ ସୁନିଶ୍ଚିତ କରିବା ଦରକାର । ପୁଞ୍ଜିନିବେଶରେ ଅଧିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ୩-ସୂତ୍ରୀ ଆକ୍ସନ ପ୍ଲାନ ଦେଇଛନ୍ତି । ପ୍ରଥମଟି ହେଉଛି ଯେ,ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଦୃଷ୍ଟିରୁ ଆମର ଅଭିଯାନକୁ ଆହୁରି ସୁଦୃଢ କରିବାକୁ ପଡିବ । ଦ୍ୱିତୀୟ ହେଲା,ଆମର ଫଙ୍କସ୍ନାଲ୍ ସିଷ୍ଟମକୁ ଆହୁରି ଉନ୍ନତ କଲେ ଶିଳ୍ପାୟନ ପ୍ରକ୍ରିୟା ସହଜ ହେବ । ତୃତୀୟ ବିଷୟଟି ହେଉଛି,ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ୍ କରିବା ପାଇଁ ଯେତିକି ସମୟ ଲାଗୁଛି,ତାକୁ ଆହୁରି କମ୍ କରିବାକୁ ପଡିବ । ଶନିବାର ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି- ଏଏସପି ସେମିକନ ପ୍ରାଇଭେଟ ଲିମିଟେଡ୍ ।ଏହି କମ୍ପାନୀ ୪,୬୨୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧାରେ ଏକ ସେମିକଣ୍ଡକ୍ଟର ମେମୋରୀ ଚିପ୍ ମଡ୍ୟୁଲ୍ ପ୍ଲାଣ୍ଟ ସ୍ଥାପନ କରିବ । ଏହାଦ୍ୱାରା ପ୍ରାୟ ୨୫୦୦ ନିଯୁକ୍ତି ସୃଷ୍ଟି ହେବ । ସେହିପରି ମାଙ୍ଗୋଭା ଖୋର୍ଦ୍ଧାରେ ୧୦୫୦ କୋଟି ଟଙ୍କା ବିନିଯୋଗରେ ଏକ ଇଣ୍ଟିଗ୍ରେଟେଡ୍ ହାଇ ପରଫର୍ମାନ୍ସ ମ୍ୟାଗନେଟ ମାନୁଫାକ୍ଚରିଙ୍ଗ୍ ଫାସିଲିଟି ନିର୍ମାଣ କରିବ । ସେହିପରି ଭାରତ ଫର୍ଜ ଲିମିଟେଡ୍ ଢେଙ୍କାନାଳରେ ୩୦୦୦ କୋଟି ଟଙ୍କା ବିନିଯୋଗରେ ଏକ ଅଟୋମୋଟିଭ୍, ଏରୋସ୍ପେସ୍ ଓ ଡିଫେନ୍ସ ଉପକରଣ ନିର୍ମାଣ ୟୁନିଟ ସ୍ଥାପନ କରିବ । ଏହାଦ୍ୱାରା ୧୦୦୦ ନିଯୁକ୍ତି ସ୍ଥାପନ କରିବ । ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ହେବାକୁ ଥିବା ମଂଜୁରି ମିଳିଥିବା ପ୍ରକଳ୍ପଗୁଡ଼ିକ ନେଇ ବୈଠକରେ ସୂଚନା ଦିଆଯାଇଥିଲା ।

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୧।୨ : ପ୍ରତିବର୍ଷ ରାଜ୍ୟ ବଜେଟରେ ଭିତ୍ତିଭୂମି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଉଛି । ସେସବୁ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ରାଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ସମସ୍ୟାର ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କିତ ଷଷ୍ଠ ଟାସ୍କଫୋର୍ସ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ନିର୍ମାଣାଧୀନ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ସହିତ ଜାତୀୟ ରାଜପଥ ପ୍ରକଳ୍ପ, ଶିଳ୍ପ, ଜଳସଂପଦ ବିଭାଗ ସଂପର୍କିତ ବୃହତ୍ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବିଭିନ୍ନ ଜିଲ୍ଲାରେ ବୃହତ୍ ଶିଳ୍ପ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, କାର୍ଯ୍ୟ ଅଗ୍ରଗତି ନେଇ ରହୁଥିବା ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ଆଲୋଚନା କରିଥିଲେ । ଶିଳ୍ପ ବିଭାଗ ତରଫରୁ ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଝାରସୁଗୁଡା, ବରପାଲି-ସରଡେଗା ଫେଜ୍- ୨ ରେଳ ସଂଯୋଗୀକରଣ କାର୍ଯ୍ୟରେ ଜମି ଅଧିଗ୍ରହଣ ସ୍ଥିତି ଓ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା । ସେହିପରି ଜଳସଂପଦ ବିଭାଗ ତରଫରୁ ନିର୍ମାଣାଧୀନ ବିଭିନ୍ନ ଜଳସେଚନ ପ୍ରକଳ୍ପର ଅଗ୍ରଗତି ନେଇ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ତଥ୍ୟ ରଖିଥିଲେ ।

### ଟ୍ରମ୍ପଙ୍କ ୧୦ ପ୍ରତିଶତ ବିଶ୍ୱବ୍ୟାପୀ ଟାରିଫ
## କାର୍ଯ୍ୟକାରୀ ନିର୍ଦ୍ଦେଶ ଉପରେ କଲେ ସ୍ୱାକ୍ଷର

ୱାଶିଂଟନ, ୨୧।୨: ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୦ ପ୍ରତିଶତ ବିଶ୍ୱବ୍ୟାପୀ ଟାରିଫ୍ ଲାଗୁ କରିବାକୁ ଆଦେଶ ଜାରି କରିଛନ୍ତି, ଯାହା ତୁରନ୍ତ ପ୍ରଭାବୀ ହେବ । ବର୍ତ୍ତମାନ ଚାଲୁଥିବା ଆମେରିକୀୟ ଟାରିଫ୍ ସହିତ ଏହି ଅତିରିକ୍ତ ଶୁଳ୍କ ଭାରତ ସହ ସମସ୍ତ ଦେଶକୁ ପ୍ରଭାବିତ କରିବ ।ସମ୍ପ୍ରତି ଦିନଗୁଡିକରେ



ଲାଗୁ ହୋଇଥିବା ଟାରିଫ୍ ଗୁଡିକୁ ଅସାମ୍ବିଧାନିକ ବୋଲି ଘୋଷଣା କରିବା ପରେ, ୨୧ ଫେବୃଆରୀରେ ରାଷ୍ଟ୍ରପତି ଟ୍ରମ୍ପ ସମସ୍ତ ଦେଶ ଉପରେ ୧୦ ପ୍ରତିଶତ ବିଶ୍ୱ ଟାରିଫ୍ ଲାଗୁ କରିବା ସମ୍ବନ୍ଧୀୟ ଆଦେଶ ଜାରି କରିଥିଲେ । ହ୍ୱାଇଟ ହାଉସ 'ଟ୍ରୁଥ ସୋସିଆଲ୍' ଉପରେ ଜାରିହୋଇଥିବା ଟ୍ରମ୍ପଙ୍କ ପୋଷ୍ଟକୁ ସେୟାର କରିଥିଲା, ଯେଉଁଥିରେ ରାଷ୍ଟ୍ରପତି ସମସ୍ତ ଦେଶ ଉପରେ ୧୦ ପ୍ରତିଶତ ବିଶ୍ୱ ଟାରିଫ୍ ଲାଗୁ କରିବାକୁ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ଆଦେଶରେ ସ୍ୱାକ୍ଷର କରିଥିବା ଓ ଏହା ତୁରନ୍ତ ପ୍ରଭାବରେ ଲାଗୁ ହେବ ବୋଲି ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ ଦିନକ ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଟାରିଫ୍ ନୀତିଗୁଡିକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଥିଲା । ଟ୍ରମ୍ପ ଏହାକୁ ନିରାଶାଜନକ ବୋଲି କହି, ସୁପ୍ରିମକୋର୍ଟରେ ତାଙ୍କ ଯୁକ୍ତିଗୁଡିକୁ ଠିକ ଭାବରେ ଶୁଣାଯାଇନଥିବା ଦାବି କରିଥିଲେ । ସେ କହିଥିଲେ ଯେ ଏପରି ରାୟ ପାଇଁ ସେ ଆଶା କରିନଥିଲେ ।

# ଭାରତ-ବ୍ରାଜିଲ ମଧ୍ୟରେ ନୂଆ ଅଧ୍ୟାୟ

• ଦ୍ୱିପାକ୍ଷିକ ଆଲୋଚନା ପରେ ବାଣିଜ୍ୟ ଚୁକ୍ତି
• ୨୦ ବିଲିୟନ ଡଲାର ହାସଲ ଲକ୍ଷ୍ୟ

ନୂଆଦିଲ୍ଲୀ, ୨୧।୨: ଆମେରିକା ପରେ ଭାରତ ଏବଂ ବ୍ରାଜିଲ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଶନିବାର ଦିଲ୍ଲୀରେ ଦୁଇ ଦେଶ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସମୟରେ, ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଗତ ବର୍ଷ, ୨୦୨୫ ରେ, ଭାରତ ଏବଂ ବ୍ରାଜିଲ ମଧ୍ୟରେ ବାଣିଜ୍ୟ ୧୫.୨୧ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ୨୫ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା । ଭାରତର ରପ୍ତାନି ପରିମାଣ ୮.୩୫ ବିଲିୟନ ଡଲାର ଏବଂ ବ୍ରାଜିଲରୁ ଆମଦାନି ପରିମାଣ ୬.୮୫ ବିଲିୟନ ଡଲାର ଥିଲା । ଏହା ବ୍ୟତୀତ, ବ୍ରାଜିଲରେ ଭାରତୀୟ ନିବେଶ ୧୫ ବିଲିୟନ ଡଲାର ଅତିକ୍ରମ କରିଛି ।ଉଲ୍ଲେଖନୀୟ ଯେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପ୍ରତିନିଧିମଣ୍ଡଳ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି ।ଶନିବାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କ ଉପସ୍ଥିତିରେ ହାଇଦ୍ରାବାଦ ହାଉସରେ ଭାରତ



ଏବଂ ବ୍ରାଜିଲ ମଧ୍ୟରେ ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା । ଏହା ପରେ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର । "ଆମେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରରୁ ଅଧିକ ବୃଦ୍ଧି କରିବାକୁ ପ୍ରତିବଦ୍ଧ । ଆମର ବାଣିଜ୍ୟ କେବଳ ଏକ ସଂଖ୍ୟା ନୁହେଁ,ଏହା ବିଶ୍ୱାସର ପ୍ରତୀକ" ବୋଲି ସେ କହିଛନ୍ତି ।

## ଏପ୍ରିଲ ପହିଲାରୁ ରାଜ୍ୟରେ ଏସଆଇଆର



ଭୁବନେଶ୍ୱର, ୨୧।୨(ନିପ୍ର): ଓଡ଼ିଶାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ମତଦାତା ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଆରମ୍ଭ ହେବ । ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ତୁ ଗୋପାଲନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥିନେଇ ଏବେ ମ୍ୟାପିଂ ଜାରି ରହିଛି । ୨୦୦୨ ଏସଆଇଆର ତାଲିକାର ବିବରଣୀ ଯାଞ୍ଚ କରି ଜଣାଇବାକୁ ନିବେଦନ କରିଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ । ଓଡିଶାରେ କେଉଁମାନଙ୍କ ନାମ ଇଲେକ୍ଟୋରାଲ ରୋଲରେ ରହିବ କେତେ କଟିବ ସ୍ପଷ୍ଟ ହୋଇଯିବ । ଏହାର ମୂଳ ଉଦ୍ଦେଶ୍ୟ ହେଉଛି 'ଇଲେକ୍ଟୋରାଲ କ୍ଲିନ୍' ହେବା ଦରକାର । ଓଡ଼ିଶାରେ ଏସଆଇଆର ୪ଟି ପର୍ଯ୍ୟାୟରେ ଜୁଲାଇ ମାସ ପର୍ଯ୍ୟନ୍ତ ଚାଲିବ । ଇସିଆଇ ନେଟ୍ ଆପ୍‌ରେ ଘରେ ସମସ୍ତେ ଅପ୍‌ଡେଟ ମଧ୍ୟ ଜାଣିପାରିବେ ।

### ଆୟଠାରୁ ୪୭୦ ଶତକଡ଼ା ଅଧିକ ସମ୍ପତ୍ତି ଠୁଳ
## ଜେଲ ଗଲେ ରେଞ୍ଜର



ଭବାନୀପାଟଣା, ୨୧।୨: କଳାହାଣ୍ଡି ଜିଲା ଭବାନୀପାଟଣା ରେଞ୍ଜର ଭଟାଙ୍ଗପଦର ଫରେଷ୍ଟର ଭାଗବତ ଭୂଷଣ ବେହେରା ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଥିଲେ । ଏହି ସମୟରେ ଭବାନୀପାଟଣା ହିଲ ଟାଉନରେ ଥିବା ୫୩ ଶହ ବର୍ଗଫୁଟର ବହୁତଳ କୋଠା ଯାହାର ମୂଲ୍ୟ ୧ କୋଟି ୩୬ ଲକ୍ଷ, ଭବାନୀପାଟଣା ସହର ମଧ୍ୟରେ ଦାମୀମୂଲ୍ୟର ୯ଟି ପ୍ଲଟ, ୪୭୦ ଗ୍ରାମ ସୁନା, ୩୫୦ ଗ୍ରାମ ରୁପା, ୪ ଟି ହାର୍ଭେଷ୍ଟର (ଧାନ କଟା ମେସିନ), ଗୋଟିଏ ଚାରିଚକିଆ ଗାଡି ମୂଲ୍ୟ (୧୨ ଲକ୍ଷ),ଗୋଟିଏ ଟିପର ଓ ହାଇୱା, ୪ଟି ବେନାମୀ ଟ୍ରାକ୍ଟର ଓ ବୁଲେରୋ ସମେତ,ବ୍ୟାଙ୍କ ପୋଷ୍ଟାଲ, ଜୀବନ ବୀମା ଜମା (ଯାହାର ମୂଲ୍ୟ ୩୪.୮ ଲକ୍ଷ) ଓ ତାଙ୍କ ପରିବାର ବର୍ଗଙ୍କ ଠାରୁ ୧୧.୧୫ ଲକ୍ଷ ଟଙ୍କା ନଗଦ ମିଳିଥିଲା ।ସେହିପରି ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର ଖୋଲା ଯାଇଥିବା ଓ ଏହାକୁ ସେ ପରିଚାଳନା କରୁଥିବା ଭିଜିଲାନ୍ସ ବିଭାଗ ଜାଣି ପାରିଥିଲା । ତାଙ୍କ ଆୟରୁ ସେ ୪୭୦ ଶତକଡ଼ା ଅଧିକ ସମ୍ପତ୍ତି ଠୁଳ କରିଥିବା ସହ ଜବତ ପରିମାଣର ସମ୍ପତ୍ତି ପ୍ରାୟ ୪ କୋଟି ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି । ସମ୍ପୃକ୍ତ ଫରେଷ୍ଟର ବେହେରାଙ୍କୁ ଗିରଫ କରି ଭିଜିଲାନ୍ସ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି । ଜାମିନ ମଞ୍ଜୁର ନ ହେବାରୁ ଫରେଷ୍ଟର ବେହେରାଙ୍କୁ ଜେଲ ପଠାଯାଇଛି ।

### 'ପିଏମ୍‌ଏୱାଇ-ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ
## ପ୍ରତିବର୍ଷ ୫୦ ଏକର ଜମି ଯୋଗାଇବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୧।୨: ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ 'ପିଏମଏୱାଇ-ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ (ଇଡବ୍ଲୁଏସ) ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ । କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ, "ପିଏମଏୱାଇ-ଅର୍ବାନ ବନ୍ଧୁ ଯୋଜନା ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ ପାଇଁ ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହ ଗୃହ ନିର୍ମାଣ ମିଶନକୁ ଅଧିକ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ୨.୦ ଅଧୀନରେ ଥିବା ଏଏଚପି ଭର୍ଟିକାଲ୍ ପାଇଁ ପ୍ରତିବର୍ଷ ୫୦ ଏକର ଜମି ଚିହ୍ନଟ କରାଯିବା ଦ୍ୱାରା ଇଡବ୍ଲୁଏସ୍ ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ ।" ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ଆର୍ଥିକ ବର୍ଷ ବଜେଟରେ ୧୨୦ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ପୌରସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସରଳୀକୃତ କରାଯିବ । ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସହରାଞ୍ଚଳର କୌଣସି ବି ଯୋଗ୍ୟ ପରିବାର ଯେପରି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ।

## ଚିଲିକା ଜୈବ ବିବିଧତାକୁ ନୂଆ କରି ତିଆରି ଖୁବ୍ ଶୀଘ୍ର : ମନ୍ତ୍ରୀ

ଭୁବନେଶ୍ୱର, ୨୧।୨(ନିପ୍ର): ରାଜ୍ୟ ବଜେଟରେ ଚିଲିକା ପାଇଁ ଅନୁଦାନ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ ୨୪ ବର୍ଷରେ ଚିଲିକା ପୋତି ହୋଇଗଲା । ଚିଲିକା ପାଇଁ କାହାର ଚିନ୍ତା ନ ଥିଲା । ଚଳିତ ବଜେଟରେ ଚିଲିକାର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟବସ୍ଥା ହୋଇଛି । ଚିଲିକାର ଜୈବ ବିବିଧତାକୁ ନୂଆ କରି ତିଆରି କରିବା ପାଇଁ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ । ଏଥି ପାଇଁ ଆଇଆଇଟି ମାଡ୍ରାସ ଡିପିଆର ପ୍ରସ୍ତୁତ କରୁଛି । ଏହା ଓଡିଶା ପାଇଁ ଯୁଗାନ୍ତକାରୀ ବଜେଟ ବୋଲି ସେ କହିଛନ୍ତି ।ସେହିପରି ପୁରୀରେ ବ୍ୟାଖ୍ୟାନ କେନ୍ଦ୍ର ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୦୦୦ କୋଟିର ପ୍ରାବଧାନ କରାଯାଇଛି । ପୁରୀକୁ ଅନ୍ତର୍ଜାତୀୟ ଧାର୍ମିକ ସ୍ଥଳୀ କରାଯିବା ପାଇଁ ସବୁ ପଦକ୍ଷେପ ନିଆଯିବ । ଆନ୍ଧ୍ର ପ୍ରଦେଶ- ଓଡିଶା- ଝାରଖଣ୍ଡକୁ ଯୋଡିବ ନୂଆ ରାସ୍ତା । ମାଲକାନଗିରି ମୋଟିରୁ ମୟୁରଭଞ୍ଜ ତିରିଂ ପାଇଁ ରାସ୍ତା ତିଆରି ହେବ । ଦୁଇ ପଟେ ତିଆରି ହେବ ଇକୋନୋମିକ କରିଡର । ରାଞ୍ଚି – ବିଜୟୱାଡା କରିଡର ସହ ଯୋଡି ହେବ ଏହି ରାସ୍ତା ।



# ଚାଷୀ ଝଡ଼ରେ ଗୃହ ଅଚଳ

■ ଚତୁର୍ଥ ଦିନରେ ବି ବିରୋଧୀ ଘେରିଲେ ■ ବାରମ୍ବାର ମୁଲତବୀ

ଭୁବନେଶ୍ୱର, ୨୧।୨(ନିପ୍ର): ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଶନିବାର ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଲଗାତାର ଚତୁର୍ଥ ଦିନ ମଧ୍ୟ ହଙ୍ଗାମା କରିଛନ୍ତି । ଏହି କାରଣରୁ ବଜେଟ ଅଧିବେଶନର ପଞ୍ଚମ ଦିବସର ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ଓ ପରେ ଅପରାହ୍ନ ୪ଟା ଯାଏଁ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି । ଶନିବାର ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ବ୍ୟାନର ଓ ପ୍ଲାକାର୍ଡ ଧରି ଆସି ସରକାରୀଙ୍କ ବିରୋଧରେ ନାରାବାଜି କରିଥିଲେ । କଟନି ଛଟନି ବନ୍ଦ କରିବା, ଧାନ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ଚାଷୀଙ୍କୁ ଦେବା, ସବସିଡି ପାଇଁ ୧୫୦ କୁଇଣ୍ଟାଲ ସୀମା ଉଠାଇବା ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜବାବ ମାଗୁଛନ୍ତି ବିରୋଧୀ । କିନ୍ତୁ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ନା ଉପମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ କେହି ଗୃହରେ ଉତ୍ତର ରଖୁନାହାନ୍ତି । ସରକାର ଆଲୋଚନାକୁ ଆସୁନାହାନ୍ତି । ଫଳରେ ଗୃହ ସ୍ୱାଭାବିକ ହୋଇପାରୁନାହିଁ ବୋଲି ବିରୋଧୀ ଅଭିଯୋଗ କରିଥିଲେ । ଗତ ୪ ଦିନ ହେବ ଝାଷୀ ଝଡରେ ବିଧାନସଭା ଅଚଳ ହୋଇପଡିଛି । ଚଳିତ ବିଧାନସଭାର ପଞ୍ଚମ ଦିନରେ ଶନିବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଙ୍ଗାମା କରାଯାଇଥିଲା । ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀମାନଙ୍କର ଅନ୍ୟ ସମସ୍ୟାକୁ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପ୍ରତିବାଦ କରିଥିଲେ । ସେମାନେ ଏହି ପ୍ରସଙ୍ଗରେ ନାରାବାଜୀ ସହ ଗୃହରେ ଧାନ ରଖି ହୋହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା । ସେମାନଙ୍କ ହାତରେ ବ୍ୟାନର ମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନମାନ ଲେଖା ଯାଇଥିଲା । ବାଚସ୍ପତି ସୁରମା ପାଢୀ ହଙ୍ଗାମା କରୁଥିବା ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା । ଫଳରେ ବାଚସ୍ପତି ସୁରମା ପାଢୀ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା । ଫଳରେ ବାଚସ୍ପତି ଅପରାହ୍ନ ୪ଟା ଯାଏଁ ଗୃହ କାର୍ଯ୍ୟ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

ନବପ୍ରଭାତ





# ସମୁଦ୍ର ତରଙ୍ଗମାଳାଙ୍କୁ ଧାରଣ କରିଥାନ୍ତି ଯେପରି, ସେ ସେପରି

ଭଗବାନଙ୍କୁ ଧ୍ୟାନ ଅନେକ ପ୍ରକାରର କରାଯାଇପାରେ । ଜଣେ ଭଗବାନଙ୍କର ନାମ, ରୂପ, ଗୁଣ, ଲୀଳା, ଧାମ ପ୍ରଭୃତିଙ୍କୁ ଧ୍ୟାନ କରିପାରନ୍ତି । ମନେ ରଖିବାକୁ ହେବ ଯେ ଭଗବାନଙ୍କ ସହ ସମ୍ବନ୍ଧିତ ଏ ସମସ୍ତ ଭଗବାନଙ୍କଠାରୁ ପୃଥକ ନୁହନ୍ତି । ଏମାନଙ୍କ ମଧ୍ୟରୁ ଯେ କୌଣସି ଠାରେ ମନକୁ ଲଗାଇଲେ ମନ ଦିବ୍ୟ ଜଗତରେ ପ୍ରବେଶ କରେ ଓ ଏହା ପରେ ଶୁଦ୍ଧ ହୋଇଯାଏ । ତେଣୁ ଧ୍ୟାନର ବିଷୟ ଭାବରେ ଆମେ ଏମାନଙ୍କ ମଧ୍ୟରୁ କାହାକୁ ବି ଗ୍ରହଣ କରିପାରିବା ।

ଏଠାରେ ଭଗବାନଙ୍କର ଆଠଗୋଟି ଗୁଣର ବର୍ଣ୍ଣନା ନିମ୍ନରେ କରାଯାଇଛି ।



ବ୍ୟାପକ ଅର୍ଥରେ ଭଗବାନ ସର୍ବଜ୍ଞ । ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ସେ ଭଲ ଭାବରେ ଜାଣନ୍ତି । ଏପରି କୌଣସି ବସ୍ତୁ ନାହିଁ ଯାହାଠାରୁ ସେ ଉତ୍ପନ୍ନ ହୋଇଥାଆନ୍ତି ବା ଯାହା ତାଙ୍କ ପୂର୍ବରୁ ଥିଲା ।ଯେଉଁ ନିୟମ ଅନୁସାରେ ସମଗ୍ର ବ୍ରହ୍ମାଣ୍ଡ ଚାଲେ, ସେହି ସମସ୍ତ ନିୟମର ପ୍ରଣେତା ଏକମାତ୍ର ଭଗବାନ । ସେ ପ୍ରତ୍ୟକ୍ଷ ରୂପରେ ଏହାର ଶାସନ କରନ୍ତି । ସେ ମଧ୍ୟ କ୍ଷୁଦ୍ରତମ ଠାରୁ କ୍ଷୁଦ୍ର । ଆତ୍ମା ସ୍ଥୂଳ ପଦାର୍ଥଠାରୁ କ୍ଷୁଦ୍ରତର । ଯେହେତୁ ଭଗବାନ ଆତ୍ମା ମଧ୍ୟରେ ନିବାସ କରନ୍ତି,ସେ ଆତ୍ମା ଠାରୁ ମଧ କ୍ଷୁଦ୍ର । ସେ ସମସ୍ତଙ୍କର ଧାରକ । ଯେପରି ସମୁଦ୍ର ତରଙ୍ଗମାଳାଙ୍କୁ ଧାରଣ କରିଥାନ୍ତି । ଭଗବାନ ସମଗ୍ର ସୃଷ୍ଟିକୁ ସେହିପରି ଧାରଣ କରିଥାଆନ୍ତି ।ତାଙ୍କ ରୂପ ଅଚିନ୍ତନୀୟ । କାରଣ ଆମର ବୁଦ୍ଧି କେବଳ ମାୟିକ ବସ୍ତୁର ଚିନ୍ତନ କରିବାକୁ ସମର୍ଥ । ମାତ୍ର ଭଗବାନ ଆମ ମାୟିକ କଳ୍ପନାର ଉର୍ଦ୍ଧ୍ୱରେ ଅଛନ୍ତି । ସେ ଯଦି କୃପା କରନ୍ତି ତେବେ ତାଙ୍କର ଯୋଗମାୟା ଶକ୍ତି ଦ୍ୱାରା ଆମର ମନକୁ ଦିବ୍ୟ ଗୁଣଯୁକ୍ତ କରିଦିଅନ୍ତି । ତାଙ୍କ କୃପା ଦ୍ୱାରା ହିଁ ସେ ବୋଧଗମ୍ୟ ହୋଇଥାଆନ୍ତି । ଭଗବାନ ସଂସାରର ସଂସ୍ପର୍ଶରେ ଆସି ମଧ ମାୟା ଦ୍ୱାରା କେବେ ଆଚ୍ଛନ୍ନ ହୁଅନ୍ତି ନାହିଁ । ଯେତେବେଳେ କେବଳ ତାଙ୍କୁ ଭକ୍ତି କରାଯାଏ, ତାହାକୁ ଶୁଦ୍ଧ ଭକ୍ତି କୁହାଯାଏ । ଯେତେବେଳେ ଏହାକୁ ଅଷ୍ଟାଙ୍ଗ ଯୋଗ ସହିତ କରାଯାଏ, ତାହାକୁ 'ଯୋଗମିଶ୍ରା ଭକ୍ତି' କୁହାଯାଏ ।



# କୌଣସି ମାଲିକାନା ଦାବି କରିପାରିବୁ ନାହିଁ

ଜଗତ ଏବଂ ଏହାର ପ୍ରତ୍ୟେକ ଗତିବିଧି ପଛରେ ଥାଆନ୍ତି ଈଶ୍ୱର । ସମଗ୍ର ଜଗତ ଏବଂ ଏଥିରେ ଥିବା ପ୍ରତ୍ୟେକ କାର୍ଯ୍ୟ କିମ୍ବା ଗତିବିଧିର



ପ୍ରକୃତ ମାଲିକ । ଜଗତର ପ୍ରକୃତ ବାସିନ୍ଦା ଭାବରେ, କେବଳ ତାଙ୍କର ହିଁ ଏହି ଜଗତର ଜିନିଷଗୁଡ଼ିକୁ ଉପଭୋଗ କରିବାର ଅଧିକାର ଅଛି ଏବଂ ଅନ୍ୟ କୌଣସି ନୁହେଁ । ଏକ ବିଶ୍ୱ ଯେଉଁଠାରେ ଆମେ କୌଣସି ମାଲିକାନା ଦାବି କରିପାରିବୁ ନାହିଁ, ଏକ ବିଶ୍ୱ ଯାହା ପ୍ରକୃତରେ ଆମର ନୁହେଁ ଆମେ ନିଜକୁ ଯେତେ ଧନୀ ଏବଂ ଶକ୍ତିଶାଳୀ ବୋଲି ବିଶ୍ୱାସ କରୁ, ଯେଉଁ ଜିନିଷଗୁଡ଼ିକର ମାଲିକାନା କିମ୍ବା ଆତ୍ମୀୟତା ଆମେ ଯଥାର୍ଥ ଭାବରେ ଆମର ବୋଲି ଦାବି କରିପାରିବୁ ନାହିଁ, ସେହି ଜିନିଷଗୁଡ଼ିକ ମଧ୍ୟରେ କ'ଣ ଜୀବନଯାପନର ଅନ୍ୟ କୌଣସି ଭଲ ଉପାୟ ହୋଇପାରେ ?

ତ୍ୟାଗ ଜୀବନର ପ୍ରତ୍ୟାଖ୍ୟାନ ନୁହେଁ । ଏହା କିଛି ନିଷ୍ପ୍ରଭ ଏବଂ ନିର୍ଜୀବ ଅଭିଜ୍ଞତା ନୁହେଁ । ଆମର ଭୟ, ହତାଶା କିମ୍ବା ବ୍ୟକ୍ତିଗତ ବିଫଳତାରୁ ଉତ୍ପନ୍ନ ହତାଶା କିମ୍ବା ଅବସାଦ ଯୋଗୁଁ ଆମେ ଜୀବନ ପରିତ୍ୟାଗ କରିବା ଉଚିତ ନୁହେଁ । ପ୍ରକୃତ ତ୍ୟାଗ ଈଶ୍ୱରଙ୍କ ପ୍ରତି ତୀବ୍ର ଆକାଂକ୍ଷାରୁ, ଏପରି ଏକ ମାନସିକ ଅବସ୍ଥାରୁ ଉତ୍ପନ୍ନ ହୁଏ ଯେଉଁଥିରେ କେବଳ ଈଶ୍ୱରଙ୍କ ସହିତ ସମ୍ପର୍କ ଅର୍ଥପୂର୍ଣ୍ଣ ହୋଇଥାଏ ଏବଂ ସ୍ୱାଧୀନତା ଏବଂ ନିର୍ଭୀକତାର ଭାବନାରୁ ଉତ୍ପନ୍ନ ହୁଏ ଯାହା ଈଶ୍ୱର ଏବଂ ତାଙ୍କ ସର୍ବୋଚ୍ଚ ଇଚ୍ଛାରେ ଅବିଚଳିତ ବିଶ୍ୱାସରୁ ଉତ୍ପନ୍ନ ହୁଏ । ତୁମେ ଜୀବନକୁ ପସନ୍ଦ କରୁନାହଁ ବୋଲି ତୁମେ ତ୍ୟାଗ କରୁନାହଁ । ତୁମେ ଜୀବନକୁ ତ୍ୟାଗ କରୁନାହଁ କାରଣ ତୁମେ ଈଶ୍ୱରଙ୍କୁ ଗଭୀର ଭାବରେ ଭଲ ପାଉଛ ଏବଂ କୃତଜ୍ଞତା ଏବଂ ଆତ୍ମ-ସମର୍ପଣର ଭାବନା ସହିତ ତୁମର ଜୀବନ ବଞ୍ଚୁଛ । ତ୍ୟାଗର ଜୀବନ ଏକ ଚିନ୍ତାମୁକ୍ତ ଜୀବନ, ସମସ୍ତ ପ୍ରକାରର ଦାବି ଏବଂ ଖୋଜିବାରୁ ସମ୍ପୂର୍ଣ୍ଣ ମୁକ୍ତ ଏବଂ ଖୋଜିବାର ସମସ୍ତ ପ୍ରକାରର ଚିନ୍ତା ଏବଂ ସଂଘର୍ଷରୁ ମୁକ୍ତ । ମଣିଷର ନିଜ ଜୀବନକୁ ଉପଭୋଗ କରିବାର ଅଧିକାର ଅଛି । ଏଥିପାଇଁ ଏକ ଦିବ୍ୟ ଅନୁମୋଦନ ଅଛି ।

ଯେଉଁମାନେ ପ୍ରକୃତରେ ଜୀବନକୁ ପରିତ୍ୟାଗ କରନ୍ତି, ସେମାନେ ଜୀବନକୁ ଯେଉଁମାନେ କରନ୍ତି ନାହିଁ ସେମାନଙ୍କ ଅପେକ୍ଷା ଭଲ ଭାବରେ ଉପଭୋଗ କରନ୍ତି, କାରଣ ପ୍ରକୃତ ସନ୍ନ୍ୟାସୀମାନେ କ୍ଷତିର ଭୟ କିମ୍ବା ଲାଭର ସମ୍ଭାବନା ଦ୍ୱାରା ବିଚଳିତ ହୁଅନ୍ତି ନାହିଁ । ସେମାନେ ସେମାନଙ୍କର ଭାଗ୍ୟକୁ ଗ୍ରହଣ କରନ୍ତି, ଯାହା ସେମାନଙ୍କ ପାଖକୁ ଆସେ, ସଂଘର୍ଷ ଏବଂ ଖୋଜିବା ବିନା ଏବଂ ଯାହା ସେମାନଙ୍କ ପାଖକୁ ଆସେ ନାହିଁ କିମ୍ବା ଯାହା ସେମାନଙ୍କଠାରୁ ଚାଲିଯାଇଛି ତାହା ପ୍ରତି ଉଦାସୀନ ରୁହନ୍ତି ।

# ମିଲିଟାରୀ ଭ୍ୟାନ୍‌ରେ କାହିଁକି ଲଗାଯାଏ ଷ୍ଟାର୍ ?

**ଯେତେବେଳେ ରାସ୍ତାରେ ଏକ ମିଲିଟାରୀ ଭ୍ୟାନ୍ ଦେଖାଯାଏ, ସେତେବେଳେ ଏଥିରେ ଥିବା ଚମକଦାର ଷ୍ଟାରଗୁଡ଼ିକ ଆଖିରେ ଝଲସି ଯାଏ । ଅନେକ ଲୋକ ଭାବନ୍ତି ଯେ ଏହା କ'ଣ ସେହି ଷ୍ଟାର ଯାହା ଜଣେ ଅଧିକାରୀଙ୍କ ପୋଷାକରେ ଶୋଭା ପାଏ ନା ଏହାର କୌଣସି ଭିନ୍ନ ଅର୍ଥ ଅଛି ? ପ୍ରକୃତରେ, ମିଲିଟାରୀ ଭ୍ୟାନରେ ଥିବା ଷ୍ଟାରଗୁଡିକ କେବଳ ସୁନ୍ଦରତା ପାଇଁ ନୁହେଁ, ବରଂ ପଦ, ଦାୟିତ୍ୱ ଏବଂ ସରକାରୀ ପରିଚୟର ଏକ ସଙ୍କେତ । ତେବେ ଆସନ୍ତୁ ଏହି ବିଷୟରେ ଅଧିକ ଜାଣିବା...**



ଭାରତୀୟ ସେନା ଗାଡ଼ିରେ ଥିବା ଷ୍ଟାରଗୁଡ଼ିକ ଏକ ସ୍ୱତନ୍ତ୍ର ପରିଚୟ ଚିହ୍ନ ଭାବରେ କାର୍ଯ୍ୟ କରେ । ଏହି ଷ୍ଟାରଗୁଡ଼ିକ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ମିଲିଟାରୀ ଭ୍ୟାନଗୁଡ଼ିକରୁ ସାଧାରଣ ଗାଡ଼ିଗୁଡ଼ିକୁ ସ୍ପଷ୍ଟ ଭାବରେ ପୃଥକ କରିଥାଏ । ଏଥିସହ ସୁରକ୍ଷା, ଗତିବିଧି ଏବଂ ପ୍ରୋଟୋକଲ୍ ସମ୍ପର୍କରେ କୌଣସି ଦ୍ୱନ୍ଦ ନାହିଁ ବୋଲି କନଫର୍ମ କରିଥାଏ ।

ଜାଣିରଖନ୍ତୁ ଯେ, ୟୁନିଫର୍ମରେ ଥିବା ଷ୍ଟାରଗୁଡ଼ିକ ଜଣେ ଅଧିକାରୀଙ୍କ ପଦବୀକୁ ସୂଚିତ କରେ । ଏଥିରୁ ଜଣାଯାଏ ଯେ, କି କେଉଁମାନେ ଲେଫ୍ଟନାଣ୍ଟ, ଆଉ କିଏ ମେଜର୍ କିମ୍ବା ଜେନେରାଲ । ଗାଡ଼ିରେ ଥିବା ଷ୍ଟାରଗୁଡ଼ିକ ଯାନର ଉଦ୍ଦେଶ୍ୟ ବ୍ୟବହାର ସହିତ ଜଡିତ । ଏହାର ଅର୍ଥ ହେଉଛି ଯେ ଯେତେବେଳେ ଅଧିକାରୀ ୟୁନିଫର୍ମ ପିନ୍ଧି ଏବଂ ଡ୍ୟୁଟିରେ ଥାଆନ୍ତି ସେତେବେଳେ କେବଳ ଗାଡ଼ିରେ ଷ୍ଟାର ଲଗାଯାଇଥାଏ । ଆଉ ଯେତେବେଳେ ଅଧିକାରୀ ଓହ୍ଲାଇ ଥାଆନ୍ତି କିମ୍ବା ଡ୍ୟୁଟିରୁ ବାହାରି ଥାଆନ୍ତି ସେତେବେଳେ ଷ୍ଟାରଗୁଡିକୁ ବାହାର କରିଦିଆଯାଏ ।

ସେନାରେ, କର୍ଣ୍ଣେଲ ପଦରୁ ଉପର ଅଧିକାରୀମାନଙ୍କୁ ସେମାନଙ୍କ ଗାଡ଼ିରେ ଷ୍ଟାର ଲଗାଇବାର ଅନୁମତି ଦିଆଯାଇଛି । ଏହି ଅଭ୍ୟାସ ବ୍ରିଗେଡିୟର ପଦରୁ ଜେନେରାଲ ପଦ ପର୍ଯ୍ୟନ୍ତ ଅଧିକାରୀଙ୍କ ସରକାରୀ ଗାଡ଼ି ପାଇଁ ପ୍ରଯୁଜ୍ୟ । ଏହାର ଉଦ୍ଦେଶ୍ୟ ହେଉଛି ଯେ, ସୁରକ୍ଷା ଏଜେନ୍ସି ଏବଂ ମିଲିଟାରୀ କର୍ମଚାରୀ ତୁରନ୍ତ ଜାଣିପାରିବେ ଯେ ଗାଡ଼ିରେ କେଉଁ ଅଧିକାରୀ ଅଛନ୍ତି ।

ସେନା ମୁଖ୍ୟ, ନୌସେନାର ଆଡମିରାଲ ଏବଂ ବାୟୁସେନାର ଏୟାର ଚିଫ୍ ମାର୍ଶାଲମାନଙ୍କ ଗାଡ଼ିରେ ଚାରୋଟି ଷ୍ଟାର ଲଗାଯାଏ । ଲେଫ୍ଟନାଣ୍ଟ ଜେନେରାଲ, ଭାଇସ୍ ଆଡମିରାଲ ଏବଂ ଏୟାର ମାର୍ଶାଲମାନେ ତିନୋଟି ଷ୍ଟାର ଲଗାନ୍ତି । ମେଜର ଜେନେରାଲ, ରିଅର୍ ଆଡମିରାଲ ଏବଂ ଏୟାର ଭାଇସ୍ ମାର୍ଶାଲମାନଙ୍କ ପାଇଁ ଦୁଇଟି ଷ୍ଟାର ଥିବାବେଳେ ବ୍ରିଗେଡିୟର, କମୋଡୋର ଏବଂ ଏୟାର କମୋଡୋରମାନେ ଗୋଟିଏ ଷ୍ଟାର ବ୍ୟବହାର କରିଥାନ୍ତି ।

ମିଲିଟାରୀ ଭ୍ୟାନର ନମ୍ବର ପ୍ଲେଟରେ ଥିବା ତୀର ଚିହ୍ନ, ଯାହାକୁ ବ୍ରୋଡ ଆରୋ ଭାବରେ ଜଣାଯାଏ । ତାହା ସୂଚାଇଥାଏ ଯେ ଗାଡ଼ିଟି ଭାରତ ସରକାର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ସମ୍ପତ୍ତି । ଏହି ପ୍ରତୀକ ବ୍ରିଟିଶ ଯୁଗର ଏବଂ ଏହାକୁ ଏବେ ବି ସରକାରୀ ମାଲିକାନାର ଏକ ସରକାରୀ ପରିଚୟ ଭାବରେ ବିବେଚନା କରାଯାଏ ।

# ବ୍ରହ୍ମାଣ୍ଡ କେବଳ 'ମୁଁ' ଦ୍ୱାରା ପରିବ୍ୟାପ୍ତ



ସମଗ୍ର ବ୍ରହ୍ମାଣ୍ଡ କେବଳ 'ମୁଁ' ଦ୍ୱାରା ପରିବ୍ୟାପ୍ତ । ବାସ୍ତବରେ 'ତୁମେ' ନାହିଁ । ଭ୍ରମ କିମ୍ବା ମାୟା ଯୋଗୁଁ ଆମ ଚେତନାରେ 'ତୁମେ' ବିଦ୍ୟମାନ । ଏକ ସଂଯୁକ୍ତ ଆତ୍ମାର ସାର୍ବଭୌମ ଚେତନାରେ, ତୁମେ ନାହିଁ, ଜ୍ଞାତ ଏବଂ ଜ୍ଞାତ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ଅଭିଜ୍ଞତା ଏବଂ ଅଭିଜ୍ଞତାର ବସ୍ତୁ ମଧ୍ୟରେ କୌଣସି ବ୍ୟବଧାନ ନାହିଁ ଏବଂ ନିଜ ବ୍ୟତୀତ ଅନ୍ୟ କୌଣସି ବିଷୟରେ କୌଣସି ସଚେତନା ନାହିଁ ।ପ୍ରତ୍ୟେକ ଜିନିଷ ସେଠାରେ ଏକକାଳୀନ ଘଟେ । ଏହା ଏକ ସର୍ବାଙ୍ଗୀନ ଏବଂ ବ୍ୟାପକ ଅଭିଜ୍ଞତା, କୌଣସି ପ୍ରୟାସ ବିନା, କୌଣସି ଉଦ୍ଦେଶ୍ୟ ବିନା ଏବଂ କୌଣସି ପ୍ରକ୍ରିୟା ବିନା । ସେଠାରେ କିଛି ଆରମ୍ଭ ହୁଏ ନାହିଁ ଏବଂ ସେଠାରେ କିଛି କେବେ ଶେଷ ହୁଏ ନାହିଁ । କୌଣସି ସମୟ ନାହିଁ । କୌଣସି କାର୍ଯ୍ୟ ନାହିଁ ଏବଂ କୌଣସି ଗତି ନାହିଁ । ଏପରି



ସାର୍ବଭୌମ ଦୃଷ୍ଟି, ଯାହା ଆମର ଆଧ୍ୟାତ୍ମିକ ପ୍ରୟାସର ଚୂଡ଼ାନ୍ତ ଉତ୍ପାଦ, କେବଳ ସେତେବେଳେ ଆସେ ଯେତେବେଳେ ଜଣେ ଦିବ୍ୟ ଆତ୍ମା ସହିତ ମିଳନ ହାସଲ କରେ । ପସନ୍ଦ ଏବଂ ଅପସନ୍ଦ ସୃଷ୍ଟି ହୁଏ ଯେତେବେଳେ ମନର ଜଗତର ବସ୍ତୁ ସହିତ ଆସକ୍ତି ଏବଂ ପୃଥକୀକରଣ ଭାବନା ଯୋଗୁଁ । କିନ୍ତୁ ଯିଏ ଈଶ୍ୱରଙ୍କ ସହିତ ମିଳନ ହାସଲ କରେ, ସେ ଏହି ଏବଂ ସେ ଦ୍ୱନ୍ଦ୍ୱ କିମ୍ବା ପସନ୍ଦ ଏବଂ ଅପସନ୍ଦ ଦ୍ୱାରା ଆଉ ବିଚଳିତ ହୁଏ ନାହିଁ । ତାଙ୍କ ପାଇଁ ସବୁକିଛି ନିଜେ, ପରମ ଆତ୍ମାର ସର୍ବବ୍ୟାପୀ ଏକତା ।

# ଈଶ୍ୱରଙ୍କ ସହିତ ନିଜ ସମ୍ପର୍କକୁ ଭୁଲିଯିବା ଉଚିତ ନୁହେଁ

ଅଜ୍ଞତା ହେଉଛି ଯାହା ପ୍ରକୃତି କିମ୍ବା ଭ୍ରମ କ୍ଷେତ୍ର ମଧ୍ୟରେ ଅଛି ଏବଂ ଜ୍ଞାନ ହେଉଛି ଯାହା ଦିବ୍ୟ ଚେତନା କ୍ଷେତ୍ର ମଧ୍ୟରେ ଅଛି । ଅଜ୍ଞତାର ଉପାସନା ହେଉଛି ଭୌତିକ ଜଗତ ସହିତ ଆସକ୍ତି, କ୍ଷଣସ୍ଥାୟୀ ଜିନିଷର ଅନୁସନ୍ଧାନ ଏବଂ ଅହଂକାର-ଭାବନା ସହିତ ନିଜକୁ ଚିହ୍ନଟ କରିବା । ଜ୍ଞାନର ଉପାସନା ହେଉଛି ଭୌତିକ ଜଗତ ସହିତ ନିଷ୍କ୍ରିୟତା, ବ୍ରହ୍ମଙ୍କ ଅନୁସନ୍ଧାନ ଏବଂ ନିଜ ଅନ୍ତଃସ୍ୱ ସହିତ ନିଜକୁ ଚିହ୍ନଟ କରିବା । ଏଠାରେ ଯାହା ଉପରେ ଗୁରୁତ୍ୱ ଦିଆଯାଇଛି ତାହା ହେଉଛି ଜୀବନରେ ସନ୍ତୁଳନ । ଜଣେ ବ୍ୟକ୍ତି ଜଗତ ମଧ୍ୟରେ ରହିବା ଉଚିତ, କିନ୍ତୁ ନିଷ୍କ୍ରିୟତା ଏବଂ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନ ମାଧ୍ୟମରେ ବ୍ରହ୍ମଙ୍କୁ ଅନୁସରଣ



କରିବା ଉଚିତ । ଅନ୍ୟଟି ବିନା କେବଳ ଦୁଃଖ ଭୋଗ କରେ । ତ୍ୟାଗର ଅର୍ଥ ଭୌତିକ ଜଗତରୁ ପଳାୟନ ନୁହେଁ । ସେହିପରି, ଜଗତ ମଧ୍ୟରେ ରହିବା ସମୟରେ, ନିଜର କର୍ତ୍ତବ୍ୟ ପାଳନ କରିବା ସମୟରେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ସହିତ ନିଜ ସମ୍ପର୍କକୁ ଭୁଲିଯିବା ଉଚିତ ନୁହେଁ ।

# ଦୀପ ଜାଳିବାର ବିଧି

ପ୍ରତ୍ୟେକ ଘରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଭଗବାନଙ୍କ ସମ୍ମୁଖରେ ଦୀପ ଜାଳିଥାଉ । କୁହାଯାଏ ଦୀପ ଜାଳିବା ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ସହିତ ଘରେ ସକରାତ୍ମକ ଶକ୍ତିର ପ୍ରବେଶ ହୋଇଥାଏ । ଏଥିପାଇଁ ଯେକୌଣସି ପୂଜାବ୍ରତରେ ଆରମ୍ଭରୁ ଦୀପ ଲଗାଯାଇଥାଏ । ତା'ପରେ ପୂଜାପାଠର ଅନ୍ୟ ବିଧି କରାଯାଇଥାଏ । ବେଳେବେଳେ ଆମେ ଅଜାଣତରେ ଭୁଲ୍ ଦିଗରେ ଦୀପ ଲଗାଇ ପୂଜାପାଠ କରିଥାନ୍ତି । ଯାହା ଆମକୁ ଜଣାଯାଇନଥାଏ । ଏହା ଦ୍ୱାରା ପରିବାର ଉପରେ ସଙ୍କଟ ମାଡ଼ି ଆସିଥାଏ । ଘରେ ଅଭାବ ଅନଟନ ଦେଖାଦେଇଥାଏ । ଯେତେ ରୋଜଗାର କଲେ ମଧ ଅଣ୍ଟି ନଥାଏ । ପରିବାର ମଧ୍ୟରେ କଳିଝଗଡ଼ା ଲାଗିରହିଥାଏ । ତେବେ ଆସନ୍ତୁ ଜାଣିବା ଘର ହେଉବା ମନ୍ଦିର କେଉଁ ଦିଗରେ ଦୀପ ଲଗାଇଲେ ଶୁଭ ହୋଇଥାଏ । ବାସ୍ତୁଶାସ୍ତ୍ର ଅନୁସାରେ ଭୁଲରେ ଦକ୍ଷିଣ ଦିଗକୁ ମୁହଁ କରି କେବେ ଦୀପ ଲଗାନ୍ତୁ ନାହିଁ । ଏହା ଅଶୁଭ ହୋଇଥାଏ । ଦକ୍ଷିଣ ଦିଗରେ ମୁହଁ କରି ଦୀପ ଲଗାଇଲେ ଘରେ ଆର୍ଥିକ ଶଙ୍କଟ ଦେଖାଯିବା ସହ କଳି ଝଗଡ଼ା ଲାଗି ରହିଥାଏ । ଏହାସହ ଘରର ନକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ । କାହିଁକିନା ଦକ୍ଷିଣ ଦିଗ ହେଉଛି ଯମରାଜଙ୍କ ଦିଗ । ଏହି ଦିଗରେ ଦୀପ ଜାଳିବା ଦ୍ୱାରା ଅଶୁଭ ହୋଇଥାଏ ।



## ପରିବେଶ ସୁରକ୍ଷା ପାଇଁ ନିବେଦନ

ନିରାକାରପୁର,(ନିପ୍ର): ବର୍ତ୍ତମାନ ବାୟୁ, ଜଳ, ମୃତ୍ତିକା ସମ୍ପୂର୍ଣ୍ଣ ଭାବରେ ପ୍ରଦୂଷିତ ହୋଇଗଲାଣି ।ଏହି ଦୂଷିତ ପରିବେଶ କେବଳ ମନୁଷ୍ୟ ନୁହେଁ ସମସ୍ତ ଜୀବଜଗତ ଅତିଷ୍ଠ ହୋଇ ପଡ଼ିଲାଣି। ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁଙ୍କର ବଂଶ ଲୋପ ପାଇଗଲାଣି ।ବାୟୁ ପ୍ରଦୂଷଣର ମାତ୍ରା ଏତେ ମାତ୍ରାରେ ବଢ଼ି ଗଲାଣି ଯେ ମନୁଷ୍ୟ ଫୁସଫୁସ ଜନିତ ରୋଗ, ଯକ୍ଷ୍ମା ଆଦି ରୋଗର ଶିକାର ହେବାରେ ଶିଶୁମାନଙ୍କର ଅବସ୍ଥା କହିଲେ ନ ସରେ। ଶବ୍ଦ ପ୍ରଦୂଷଣ ଯୋଗୁ ମାତୃ ଗର୍ଭରେ ଥିବା ଛୁଆ କାଳା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଜଳ ପ୍ରଦୂଷିତ ହୋଇ ପେଟ ରୋଗ ବଢିବା ବେଳେ, ପ୍ରତିବର୍ଷ ଭୂ ପୃଷ୍ଠ ଜଳ ସ୍ତର କମିବାରେ ଲାଗିଛି। ତେଣୁ ସରକାର ବିକାଶ ସହିତ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପ୍ରେରଣା ଇଣ୍ଟରନ୍ୟାସନାଲ ଗ୍ରୀନ ଆର୍ମି ଆର୍ମିର କମାଣ୍ଡେଣ୍ଟ ଇନ ଚିଫ୍ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏପରିକି ଜନ ପ୍ରତିନିଧି, ସାମାଜିକ କର୍ମୀ, ସଚେତନଶିଳ ନାଗରିକମାନେ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସେ ମଧ୍ୟ ଅନୁରୋଧ କରିଛନ୍ତି । ନଚେତ କେବଳ ଆମେ ନୁହେଁ, ଆଗାମୀ ବଂଶଧର ମାନେ, ଜୀବଜଗତ ଭୟଙ୍କର ବିପଦର ସମ୍ମୁଖୀନ ହେବେ। ତେଣୁ ବେଳ ଥାଉ ବନ୍ଧ ବାନ୍ଧିବା ନ୍ୟାୟରେ ପ୍ରତ୍ୟେକ ଜନସାଧାରଣ ସହଯୋଗ କରିବାକୁ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ପରିବେଶବିତ୍ ତଥା ପୂର୍ବତନ ବିଧାୟକ ଡ଼କ୍ଟର ଶ୍ରୀଚନ୍ଦନ ଅନୁରୋଧ କରିଛନ୍ତ।

## ଆମକୁ ନିଜ ମାଟି ସହିତ ଯୋଡ଼ି ରଖେ ମାତୃଭାଷା: ରାଜ୍ୟପାଳ

ଭୁବନେଶ୍ୱର,(ନିପ୍ର): ଆନ୍ତର୍ଜାତିକ ମାତୃଭାଷା ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ଶୁଭେଚ୍ଛା ।ରାଜ୍ୟପାଳ କହିଛନ୍ତି ଯେ, ମାତୃଭାଷାହେଉଛି ଆମ ଆତ୍ମାର ସ୍ୱର ଏବଂ ଆମ ସଂସ୍କୃତି ଓ ପରିଚୟର ମୂଳ ଭିତ୍ତି। ଏହା ଆମ ଚିନ୍ତାଧାରାକୁଗଢ଼େ,ଆମକୁ ନିଜ ମାଟି ସହିତ ଯୋଡ଼ି ରଖେ ଏବଂ ଆମ ଐତିହ୍ୟକୁ ସଜୀବ ରଖେ ।ରାଜ୍ୟପାଳ କହିଛନ୍ତି ଯେ, ଆସନ୍ତୁ, ଆମେ ନିଜ ମାତୃଭାଷାକୁ ସମ୍ମାନ ଦେଇ ଦୈନନ୍ଦିନ ଜୀବନରେ ମାତୃଭାଷାର ବହୁଳ ବ୍ୟବହାର କରିବା ସହ ଏହାର ସୁରକ୍ଷା ଓସମୃଦ୍ଧି ପାଇଁ ସଙ୍କଳ୍ପବଦ୍ଧ ହେବା। ଆନ୍ତର୍ଜାତିକମାତୃଭାଷା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ମାତୃଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ବରଂ ଏହା ଆମର ପରମ୍ପରା, ଜୀବନଶୈଳୀ ଏବଂ ଅତୀତର ଅମୂଲ୍ୟ ଜ୍ଞାନକୁ ଆଗାମୀ ପିଢ଼ି ସହ ଯୋଡ଼ିଥାଏ। ଆସନ୍ତୁ, ଆମେ ଆମର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା ଏବଂ ଏହାର ସୁରକ୍ଷା ଓ ପ୍ରସାର ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା।

## ଆର୍‌ବିଞ୍ଝଣାପଲ୍ଲୀ ବିଦ୍ୟାଳୟରେ ମାତୃଭାଷା ଦିବସ

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଆର୍‌ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକଙ୍କ ଅଧକ୍ଷତାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସଂଗୀତା ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଲଳିତ ବେହେରା, ସମ୍ମାନୀତ ଅତିଥି ଭାବେ ଅଙ୍ଗନୱାଡ଼ି କର୍ମୀ ଆରତୀ ପ୍ରଧାନ ଏବଂ ମହିଳା ଗୋଷ୍ଠୀ ତତ୍ତ୍ୱାବଧାରିକା ମମତା ବେହେରା ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସ ଉପରେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଆନ୍ତର୍ଜାତୀକ ମାତୃଭାଷା ଦିବସ ଉପଲକ୍ଷେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ



ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀ ଦେବସ୍ମିତା ବେହେରା ମଧୁସୂଦନ ରାଓଙ୍କ ଲିଖିତ ବାରମାସ ଗୀତକୁ ଭାଗବତ ସ୍ୱରରେ ଆବୃତ୍ତି କରିଥିଲେ। ଏଥିରେ ମାତୃଭାଷାର ସମ୍ବିଧାନ ପ୍ରସ୍ତାବନା ପାଠ ଓ ମାତୃଭାଷାର ବହୁଳ ବ୍ୟବହାର ସହିତ ସଂରକ୍ଷଣ ନିମନ୍ତେ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।ମାତୃଭାଷା ଦିବସ ଅବସରରେ ଭାଷା ସଂସ୍କୃତି ସ୍ୱରୂପରେ କବିତା ଆବୃତ୍ତି, ଗଳ୍ପ କଥନ, ବକ୍ତୃତା, ଶୃତଲିଖନ, ସୁନ୍ଦର ହସ୍ତାକ୍ଷର ,ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସହକାରୀ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ କରିଥିଲେ। କାର୍ଯ୍ୟକ୍ରମରେ ପାଚିକା ଟନି ବେହେରା ଓ ସହାୟିକା ବୁଦ୍ଧିସତୀ ବେହେରା ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ,ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ପାନୀୟ ଜଳ ପାଇଁ ସାଇବେର୍ଣ୍ଣୀ ଗାଁ ଲୋକେ ହନ୍ତସନ୍ତ

## ଟ୍ୟାବ୍‌ବିହୀନ ଷ୍ଟାଣ୍ଡପୋଷ୍ଟ ଓ ଖାଲି ପାଇପ୍ ଲଗାଇ ଚୁପ୍ ବସିଛି ସଂସ୍ଥା !



ରେଢ଼ାଖୋଲ,(ନିପ୍ର): ଆଜିକାଲି ଗ୍ରାମାଞ୍ଚଳମାନଙ୍କରେ ଘରକୁ ଘର ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଲ ଗ୍ରାମ ପଞ୍ଚାୟତ ଅଧୀନ ସାଇବେର୍ଣ୍ଣୀ ଗ୍ରାମର ସ୍କୁଲପଡାବାସୀଙ୍କ ପକ୍ଷେ ଏହା ସାତ ସପନ ପାଲଟିଥିବା ସ୍ପଷ୍ଟ ବାରି ହୋଇପଡିଛି। ବୃହତ ପାନୀୟଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଗାଁ ଭିତରେ କେଉଁଠି ଖାଲି ଟ୍ୟାବବିହିନ ଷ୍ଟାଣ୍ଡପୋଷ୍ଟଗୁଡିକ ଛିଡା କରି ରଖିଛି ତ କେଉଁଠି ଖାଲି ପାଇପ୍ ପକେଇ ଛାଡି ଦେଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେଲା କାର୍ଯ୍ୟର କୌଣସି ଅଗ୍ରଗତି ହୋଇନାହିଁ । ସାଇବେର୍ଣି ଗ୍ରାମ ଭିତରେ ଜଳଯୋଗାଣ କରାଯାଉଛି, ହେଲେ ଏହି ସ୍କୁଲପଡାକୁ ଆଜିଯାଏ ପାଣି ପହଞ୍ଚି ପାରିନାହିଁ । ଯାହାକୁ ନେଇ ଦାୟିତ୍ୱରେ ଥିବା ଜଳଯୋଗାଣ ବିଭାଗ ଓ ଠିକା ସଂସ୍ଥାର ପାରିବା ପଣିଆ ପ୍ରତି ଅନେକ ପ୍ରଶ୍ନ ଉଠୁଛି ।ଏଥିରୁ କେବେ ପାଇପରେ ଜଳଯୋଗାଣ ଆରମ୍ଭ କରାଯିବ, କେବେ ସାଇବେର୍ଣ୍ଣୀ ଗ୍ରାମର ସ୍କୁଲପଡା ବାସୀଙ୍କ ଜଳକଷ୍ଟ ଦୂର ହେବ ତାହା କାହାକୁ ଜଣାନାହିଁ। ଏଥିରେ ୩୦ ପରିବାର ବିଶିଷ୍ଟ ଏହି ପଡାର ପାଖାପାଖି ୧୦୦ ଜନସାଧାରଣଙ୍କ ଆଶା ନିରାଶାରେ ପରିଣତ ହୋଇସାରିଛି। ପୂର୍ବରୁ ଏଠାରେ ସରକାରୀ ସ୍ତରରେ ପାନୀୟଜଳ ବ୍ୟବସ୍ଥା କହିଲେ ଏହି ପଡାରେ କେବଳ ଦୁଇଟି ନଳକୂପ ସ୍ଥାପନ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ନଳକୂପ ଠିକ୍ ଭାବରେ କାମ କରୁଥିଲେ ବି ଲୁହା କଳଙ୍କି ମିଶା, ତେଲିଆ ଏବଂ ହଳଦିଆ ରଙ୍ଗର ଦୂଷିତ ପାଣି ବାହାରୁଛି। ଯାହାକି ପିଇବା ପାଇଁ ଆଦୌ ଉପଯୋଗୀ ନୁହେଁ । ଏଥିରେ ପଡ଼ାର ମହିଳା ମାନେ ଏକତ୍ରିତ ହୋଇ ପାନୀୟ ଜଳର ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘ ଦିନରୁ ପଡାବାସୀଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି ବୋଲି ଗ୍ରାମ ପଡାବାସୀ ପ୍ରତିକ୍ରିୟା ପ୍ରକାଶ କହିଥିଲେ । ସେପଟେ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି କହିଛନ୍ତି ଯେ ଖୁବଶୀଘ୍ର ସାଇବେର୍ଣ୍ଣି ଗାଁର ଏହି ପଡାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ, ମୋଚିବାହାଲ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଗ୍ରାମରେ ପାନୀୟଜଳ ପ୍ରକଳ୍ପରୁ ଜଳଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ। ତତ୍‌ସହିତ ଆବଶ୍ୟକ ସ୍ଥଳେ ଟ୍ୟାଙ୍କର କିମ୍ବା ନୂତନ ନଳକୂପ ଖୋଳାଯାଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ସାଇବର କବଚ ପକ୍ଷ ପାଳନ

## ୧୧ ଆକାଉଣ୍ଟ ହୋଲଡରଙ୍କ ନାମରେ ମାମଲା ରୁଜୁ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାଜ୍ୟ ସରକାର ଓ ପୋଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୩ ରୁ ୨୭ପର୍ଯ୍ୟନ୍ତ ଜିଲ୍ଲାରେ ପାଳନ ହେଉଛି ସାଇବର ପକ୍ଷ । ଏହି ଅବସରରେ ଗଜପତି ଜିଲ୍ଲାର ବିଭିନ୍ନ ବ୍ୟାଙ୍କ ଗୁଡିକରେ ଫେକ ଆକାଉଣ୍ଟ ଖୋଲି ସାଇବର ମାଧ୍ୟମରେ ଠକେଇ ଅର୍ଥ କାରବାର ହେଉଥିବା ତଥ୍ୟ ଗଜପତି ପୋଲିସ ହାତରେ ଲାଗିଛି । ଜିଲ୍ଲାର ପାରଳାଖେମୁଣ୍ଡି ଗାରାବନ୍ଧ କାଶୀନଗର ଓ ମୋହନା ଥାନା ଅଞ୍ଚଳର କିଛି ଜାତୀୟ ବ୍ୟାଙ୍କରୁ ମୋଟ ୪୯ ଟି ଏଭଳି ଏକାଉଣ୍ଟକୁ ଫ୍ରାଜ କରି ତଦନ୍ତ ଆରମ୍ଭ କରିଛି ପୋଲିସ । ଇତିମଧ୍ୟରେ ୧୧ ଟି ଏକାଉଣ୍ଟ ସହ ଜଡ଼ିତ ଥିବା ୧୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି ପୋଲିସ । ଏହିସବୁ ଆକାଉଣ୍ଟରୁ ପ୍ରାୟ ଚାରି ଲକ୍ଷ ପନ୍ଦର ହଜାର ଟଙ୍କା ଜବତ କରାଯାଇଛି ।

ପୋଲିସ ହାତରେ ଧରାପଡ଼ିଥିବା ସମସ୍ତ ସାଇବର ଠକରେ ଜଡ଼ିତ ଥିବା ଅଭିଯୁକ୍ତମାନେ ପାରଳାଖେମୁଣ୍ଡି ଅଞ୍ଚଳର । ଏମାନେ ସାଇବର କ୍ରାଇମର ଅଂଶବିଶେଷ ଅଟନ୍ତି। ଏମାନଙ୍କ ବିରୁଦ୍ଧରେ ତଦନ୍ତ ଚାଲିଛି ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏମାନେ ବିଭିନ୍ନ ନାମରେ ସନ୍ଦିଗ୍ଧ ଆକାଉଣ୍ଟ ଖୋଲି ସାଇବର ଠକେଇରେ ଠକୁଥିବା ଅର୍ଥର କାରବାର ହୋଇଛି । ଯାହାକୁ ନେଇ ତଦନ୍ତ ଚଳାଇଥିଲା ପୋଲିସ । ଅଧିକ ତଦନ୍ତ ଜାରି ରହିଛି ପରବର୍ତ୍ତୀ ସମୟରେ ଆଉ ଅଧିକ ତଥ୍ୟ ଖୁଲାସା ହେବ ବୋଲି ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଜପତି ଆରକ୍ଷୀ ଅଧୀକ୍ଷକ । ଏପରି ଆକାଉଣ୍ଟ ଖୋଲି ସାଇବର କ୍ରାଇମ ସମ୍ବନ୍ଧିତ ଆର୍ଥିକ କାରବାର କରିଥାନ୍ତି । ଯଦି ଏପରି ଆକାଉଣ୍ଟ ଖୋଲିବାରେ ଯିଏବି ସହାୟତା କରିଥିବାର ଜଣାଯାଏ ତେବେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି

## ଇଣ୍ଡିଆନ ଅଏଲ୍ ପକ୍ଷରୁ ପେଟ୍ରୋଲ ଲିକେଜ୍‌ଜନିତ ଆପଦକାଳୀନ ଅଭ୍ୟାସ

ରାଉରକେଲା,(ନିପ୍ର): କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ୍ ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ କାଂସବାହାଲ ନିକଟସ୍ଥ ଲାଇଙ୍ଗ୍ ଗ୍ରାମରେ ଏକ ତୃତୀୟ ସ୍ତରୀୟ ଅଫ୍-ସାଇଟ୍ ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା। ପାରାଦୀପ ବନ୍ଦରରୁ ପାଇପ୍ ଲାଇନ୍ ମାଧ୍ୟମରେ ତରଳ ପ୍ରଜ୍ୱଳନଶୀଳ ପଦାର୍ଥକୁ ସମ୍ବଲପୁର ବାଟଦେଇ ଗୋଟିଏ ଲାଇନ୍ ରାୟପୁରକୁ ଏବଂ ଅନ୍ୟ ଏକ ଲାଇନ୍ ରାଞ୍ଚିକୁ ଯାଇଅଛି । ଏହି ପାଇପ୍ ଲାଇନ୍ ଦେଇ ପେଟ୍ରୋଲ୍, ଡିଜେଲ୍ ପରିବହନ କରାଯାଇଥାଏ ଏବଂ ଭାରତବର୍ଷର ପୂର୍ବାଞ୍ଚଳ ରାଜ୍ୟର ଆବଶ୍ୟକତାକୁ ଏହାଦ୍ୱାରା ପୂରଣ କରାଯାଇଥାଏ ।

୬୦ରୁ ୭୦ କିଲୋ/ବର୍ଗ ସେଣ୍ଟିମିଟରର ଚାପରେ କାମ କରୁଥିବା ଏହି ପାଇପ୍ ଲାଇନରେ ଦୈବାତ୍ କୌଣସି ଅଘଟଣ ଘଟିଲେ, ପେଟ୍ରୋଲିୟମ୍ ପଦାର୍ଥ ନିଃସରିତ ହୋଇପାରେ, ବିସ୍ଫୋରଣ ଘଟିପାରେ କିମ୍ବା ଅଗ୍ନିକାଣ୍ଡର ରୂପ ନେଇପାରେ । ସେଭଳି ଘଟଣା ସଂଘଟିତ ହେଲେ ପରବର୍ତ୍ତୀ ପରିଚାଳନା କିଭଳି କରାଯିବ, ତାହାର ଏକ ଅଭ୍ୟାସ ଏଠାରେ କରାଯାଇଥିଲା । ଘଟଣା ସଂଘଟିତ ହେଲେ କେତେ ସମୟରେ ଏହାକୁ ଠିକ୍ କରାଯାଇପାରିବ, ଏମରଜେନ୍ସି ଯାନ ଏବଂ ହାତ ହତିଆରର କେତେ ଫଳପ୍ରଦ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କର୍ମଚାରୀ, ଜିଲ୍ଲା ପ୍ରଶାସନ, ବିଭିନ୍ନ ସରକାରୀ ଏଜେନ୍ସିର ଫଳପ୍ରଦତାକୁ ଆକଳନ କରାଯାଇଥିଲା । ଏଥିରେ କାରଖାନା ଓ ବଏଲର ଉପ-ନିର୍ଦ୍ଦେଶକ ବିଭୁ ପ୍ରସାଦ, ସହ-ନିର୍ଦ୍ଦେଶକ ସୁଭେନ୍ଦୁ ଶେଖର ରାଉତ, ସ୍ୱରାଜ କୁମାର ତ୍ରିପାଠି, ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ସାଧାରଣ ପ୍ରବନ୍ଧକ ଅବକାଶ ବେହେରା, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ପୋଲିସ୍ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାରୁ ପାଖାପାଖି ତିରିଶଟି କଳକାରଖାନାରେ କାର୍ଯ୍ୟରତ ସେକ୍ସନାଲ ହେଡ୍, ଡିପାର୍ଟମେଣ୍ଟାଲ ହେଡ୍, ସୁରକ୍ଷା ଅଧିକାରୀ ଏବଂ ସାଧାରଣ ଗ୍ରାମବାସୀ ଶତାଧିକ ସଂଖ୍ୟାରେ ଯୋଗଦାନ କରିଥିଲେ।

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

ଭଦ୍ରକ,(ନିପ୍ର): ଜିଲ୍ଲା ପ୍ରଶାସନ ସ୍ଥାନୀୟ ସହୀଦ ସ୍ମୃତି ଭବନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକମାନଙ୍କ ଉପସ୍ଥିତରେ ପାଳନ କରାଯାଇଛି। ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ମାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ,ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦିବେଦୀ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ମହାସଂଘ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଜିଲ୍ଲାଜଜର ପ୍ରତିନିଧି ତାପସ କୁମାର ମହାନ୍ତି, ଜିଲ୍ଲା ସଂଚୟ ଅଧିକାରିଣୀ ମୋନାଲିସା ପଣ୍ଡା, ଜିଲ୍ଲା ଲିଡ୍ ବ୍ୟାଙ୍କ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର



ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକଙ୍କ ଉପସ୍ଥିତ ରେ ଜିଲ୍ଲାପାଳ ରାଉତରାଏ ଆଜିର ଦିବସ ବରିଷ୍ଠ ମାନଙ୍କ ପ୍ରତି ସମାଜ ତଥା ପରିବାର ବର୍ଗ ସମ୍ମାନର ସହ ବଞ୍ଚିବାର ଅଧିକାର ସହ ବୃଦ୍ଧ ପିତାମାତା ଅବହେଳାର ଶିକାର ଯେପରି ନ ହେବେ ସେଥିପ୍ରତି ସମସ୍ତଙ୍କ ସ୍ନେହ ଆଉ ଶ୍ରଦ୍ଧା ରହିଲେ ଏକ ସୁସ୍ଥ ସମାଜ ଓ ଶ୍ରେଷ୍ଠ ଭାରତର ସ୍ୱପ୍ନ ସାକାର ହେବ। ଅନ୍ୟତମ ମଞ୍ଚାସୀନ ଅତିଥି ବୃନ୍ଦ ସାମାଜିକ ନ୍ୟାୟ ଦିବସ ଉପରେ ବିଶଦ ଆଲୋଚନା କରିଥିବାବେଳେ ବରିଷ୍ଠମାନେ ସାଇବର ଠକେଇର ଶିକାର ନ ହେବା,ଆଇନଗତ ସେବା, ସମ୍ପତ୍ତିଗତ ଅଧିକାର ଓ ବରିଷ୍ଠ ନାଗରିକ ସଂଚୟ ଉପରେ ଆଲୋଚନା କରିଥିଲେ। ବ୍ଲକ ଓ ପଂଚାୟତ ସ୍ତରରୁ ସମସ୍ତ ଅଠେଇଶ ଗୋଟି ସଂଘର ସଦସ୍ୟ ସଦସ୍ୟାମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିବା ପ୍ରଶାସନ ତରଫରୁ ସମାଜରେ ବରିଷ୍ଠଙ୍କ ହିତରେ କାର୍ଯ୍ୟ କରୁଥିବାରୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରିଥିଲେ।

## ବେଆଇନ ଇଟାଭାଟି ପ୍ରତି ହେଉନାହିଁ କାର୍ଯ୍ୟାନୁଷ୍ଠାନ !

ପିପିଲି,(ନିପ୍ର): ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ବେଆଇନ ଭାବରେ ସହ ସହ ଇଟା ଭାଟି ଦେଖିବାକୁ ମିଳିଛି। ଏସବୁ ଇଟା ଭାଟି ଥିବାବେଳେ ଜିଲ୍ଲା ପ୍ରଶାସନ ଓ ପିପିଲି ତହସିଲ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାବେଳେ ଇଟା ଭାଟି ଅଞ୍ଚଳର ଜନସାଧାରଣ ଭାଟି ଧୂଆଁରେ ଅତିଷ୍ଠ ହେଲାଣି। ସେପଟେ ଅନ୍ୟ ଜିଲ୍ଲା ମାନଙ୍କରେ ବେଆଇନ ଇଟାଭାଟିକୁ ଜିଲ୍ଲା ପ୍ରଶାସନ ବୁଲଡୋଜର ଲଗାଇ ଭାଙ୍ଗୁ ଥିବା ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଉଥିବା ବେଳେ ପିପିଲି ଓ ବଳଙ୍ଗା ଅଞ୍ଚଳରେ ଏସବୁ ନାଲି ଫିତା ତଳେ ରହିଛି। ପିପିଲି ତହସିଲଦାରଙ୍କ ଅଧୀନରେ ଥିବା ପ୍ରତ୍ୟେକ ରେଭେନ୍ୟୁ ଅଧିକାରୀଙ୍କ ମୌଜାରେ ଓ ନଦୀ ପଠା ମାନଙ୍କରେ ବେଆଇନ ଇଟା ଗଢ଼ା ଯାଉଥିବା ବେଳେ ଚୋରା ଇଟା ଭାଟି ମାଲିକମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଭାଗୀୟ ଅଧିକାରୀମାନେ ମୌନ ଅବତାର ଧାରଣ କରିଛନ୍ତି ।ଏପରି ହେତୁ ପିପିଲି ଓ ବଳଙ୍ଗା ଅଞ୍ଚଳରୁ ଦୈନିକ ଶହଶହ ଇଟା ଗାଡି ବାହାରକୁ ଚାଲାଣ କରାଯାଉଛି। ବେଆଇନ ଇଟାଭାଟି ଯୋଗୁ ଅଞ୍ଚଳର ଛାତ୍ରଛାତ୍ରୀ ଏବଂ ବିଭିନ୍ନ ରୋଗୀ ଅତିଷ୍ଠ ହେଉଛଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ନଜର ଦେଇ ବେଆଇନ ଇଟାଭାଟି ଉଚ୍ଛେଦ କରିବା ପାଇଁ ଦାବି ହେଉଛି। ଅନ୍ୟ ପକ୍ଷରେ ଜାଣିବାକୁ ମିଳିଛି ପିପିଲି ତହସିଲର ଜଣେ ଅବସରପ୍ରାପ୍ତ ପଦାଧିକାରୀ ଚୋରା ଇଟାଭାଟି ମାଲିକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ଅନୁମତି ଦେଇଥିବା କୁହାଯାଉଛି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଭୂୟାଁରୋଇଡା ଚାମ୍ପିଅନ

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭୂୟାଁରୋଇଡା ପଞ୍ଚାୟତରେ ରୋଇଡା ସି ଲୌହ ଓ ମାଙ୍ଗାନିଜ ଖଣି,ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଦିତ୍ୱୀୟ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରୁ ୧୦ ଗୋଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ ଭୂୟାରୋଇଡା ଫୁଟବଲ ଟିମ ଏବଂ ଭୁତ ହଟିଙ୍ଗ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଭୂୟାରୋଇଡା ଫୁଟବଲ ଟିମ ଭୁତ ହଟିଙ୍ଗ ଫୁଟବଲ ଟିମକୁ ୨-୦ ଗୋଲରେ ହରେଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ସମାରୋହର ମୁଖ୍ୟଅତିଥି ଭାବେ ଓଡିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଭୂୟାଁରୋଇଡା ଗ୍ରାମ ପଞ୍ଚାୟତ ସରପଞ୍ଚ ତୁଳସୀ ବ୍ୱଙ୍ଗା,ଖଣି ପ୍ରବନ୍ଧକ ଅଂଶୁମାଳୀ ସାହୁ, ଭୂୟାଁରୋଇଡା ସମିତିସଭ୍ୟ ସରୋଜିନୀ ମୁଣ୍ଡା ଯୋଗ ଦେଇଥିଲେ। ବଡ଼ବିଲ




ଆଞ୍ଚଳିକ କାର୍ଯ୍ୟାଳୟ ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିଅନ ଭୂୟାଁରୋଇଡା ଟିମକୁ ଟ୍ରଫି ସହ ଉପହାର ପ୍ରଦାନ କରାଯାଇଥିବା ବେଳେ ରନର୍ସ ଭୁତ ହଟିଙ୍ଗ ଟିମକୁ ମଧ୍ୟ ଟ୍ରଫି ସହ ଉପହାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କୃଷ୍ଣ ଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଖେଳ ପରିଚାଳିତ ହେଉଥିବା ବେଳେ କ୍ଷୀରୋଦ କୁମାର ଗିରି ଭାଷ୍ୟକାରିତା ଦାୟିତ୍ୱ ତୁଲାଇ ଦର୍ଶକଙ୍କ ମନ ମୋହିପାରିଥିଲେ।

## 'ପ୍ରବୋଧନ' ତାଲିମ କାର୍ଯ୍ୟକ୍ରମ ସମାପ୍ତ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ କ୍ଲଷ୍ଟର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚାରମାଳ ଠାରେ ନୂତନ ଶିକ୍ଷାନୀତି ଅନୁଯାୟୀ ୨୦ ତାରିଖ ଶୁକ୍ରବାର 'ପ୍ରବୋଧନ' ତାଲିମ କାର୍ଯକ୍ରମ ସମାପ୍ତ ହୋଇ ଯାଇଛି ଯାହାକି ତା -୧୬/୦୨/୨୦୨୬ ରିଖ ଠାରୁ ଆରମ୍ଭ ହୋଇ ୨୦/୦୨/୨୦୨୬ ରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି କାର୍ଯକ୍ରମରେ ପ୍ରଶିକ୍ଷକ ରୂପେ ଶ୍ରୀଯୁକ୍ତ ସୁବ୍ରତ ବାଘ, ବାବୁଲି ବେହେରା, ରାମଚନ୍ଦ୍ର ବିଶ୍ୱାଳ, ଅଜିତ୍ କୁମାର ମେହେର ମୋଟ୍ ୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ରେଢ଼ାଖୋଲ ବ୍ଲକ୍ ଶିକ୍ଷାଧିକାରୀ ରଞ୍ଜିତ ଭୋଇ ତାଲିମ୍ କେନ୍ଦ୍ରକୁ ଉଦଘାଟନ କରି ଶେଷ ଦିନରେ ସମସ୍ତ ପ୍ରଶିକ୍ଷ୍ୟାର୍ଥିଙ୍କୁ ମାନପତ୍ର ପ୍ରଦାନ କରି ଶିକ୍ଷାକୁ କିପରି ନୂତନ ଶିକ୍ଷା ସହ ଯୋଡ଼ିବେ ଏନ୍ ଇପି -୨୦୨୦ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ । ପ୍ରଶିକ୍ଷ୍ୟାର୍ଥିମାନଙ୍କ ଦଳ ମଧ୍ୟରେ ସୁରୁବାବୁ ସୋହେଲା ପ୍ରାର୍ଥନା ବୋଲିବା ସଙ୍ଗେ ସଙ୍ଗେ ଜଗବନ୍ଧୁ ପୋଢ଼ ପ୍ରାଚୀରପତ୍ର,ମୂଲ୍ୟାଂଶ ଏଂ ବିବରଣୀ ପଠନ କରିଥିଲେ ତା' ସହିତ ଅନ୍ୟଦଳ ମଧ୍ୟ ଏହି କାର୍ଯ୍ୟ କରିଥିଲେ। ଶେଷରେ ବ୍ଲକ୍ ଶିକ୍ଷାଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ତାଲିମ୍ କାର୍ଯକ୍ରମକୁ ଶେଷ ଘୋଷଣା କରିଥିଲେ।

# ଠିପିବନ୍ଦ ମଦ ଦୋକାନରୁ ନକଲି ବିଦେଶୀ ମଦ ଜବତ : ୩ ଗିରଫ



ରାଉରକେଲା,(ନିପ୍ର): ସହରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡ଼ିକରେ ନକଲି ବିଦେଶୀ ମଦ ବିକ୍ରୟ ହେଉଥିବା ଏବଂ ମୁଦ୍ରିତ ଦାମ୍ ଠାରୁ ଅଧିକ ଦାମ୍ ନେଉଥିବା ବହୁ ଅଭିଯୋଗ ପରେ, ରାଉରକେଲା ଅବକାରୀ ଅଧୀକ୍ଷକ ଘଟଣାକୁ ସଙ୍ଗୀନ ନେବା ସହିତ ଓଡିଶା ଅବକାରୀ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ସରପ୍ରାଇଜ୍ ଯାଞ୍ଚ କରାଯାଇଥିଲା। ଏଥିରେ ରାଉରକେଲା ଅବକାରୀ ଇନିସପେକ୍ଟର ଏବଂ ତାଙ୍କ ଟିମ୍ ସହରର ବିଭିନ୍ନ ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ସରପ୍ରାଇଜ୍ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ଦେଖାଯାଇଥିଲା ଯେ, ସହରର ବିର୍ସା ଛକ ଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ଭିତରେ କେତେକ ବ୍ୟକ୍ତି ପଶି ନକଲି ବିଦେଶୀ ମଦ ବ୍ରାଣ୍ଡ ପ୍ରସ୍ତୁତି କରୁଥିବା ଦେଖାଯାଇଥିଲା। ସେଠାରୁ ମିଳିଥିବା ଖାଲି ମଦ ବୋତଲ, ସିଲ୍ କରିବା ପାଇଁ ଠିପି, ବ୍ରାଣ୍ଡ୍ ଲେବୁଲ ଏବଂ ପ୍ୟାକିଂ ପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଏ ବିଷୟରେ ରାଉରକେଲା ଅବକାରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଅବକାରୀ ବିଭାଗ ଅଧୀକ୍ଷକ ଝସକେତନ ବାରିହା ଏବଂ ଅବକାରୀ ବିଭାଗ ନିରୀକ୍ଷକ (ଇନିସପେକ୍ଟର) ମୋହନ ପ୍ରଧାନ।

ଅବକାରୀ ବିଭାଗ ଅଧୀକ୍ଷକ ସୂଚନା ଦେଇଥିଲେ ଯେ, ବିର୍ସା ଛକ ଠାରେ ଥିବା ବିଦେଶୀ ମଦ ଦୋକାନୀଙ୍କର ଆଉ କେତେକ ମଦ ଦୋକାନ ମଧ୍ୟ ରହିଛି। ସେହି ମଦ ଦୋକାନଗୁଡିକୁ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ସହିତ ମଦ ଦୋକାନର କର୍ମଚାରୀମାନଙ୍କ ରହୁଥିବା ସ୍ଥାନରେ ଗତକାଲି ରାତିରେ ମଧ୍ୟ ଯାଞ୍ଚ କରାଯାଇଥିଲା। ସେଠାରୁ କିଛି ନକଲି ସାମଗ୍ରୀ ମିଳିନଥିଲା ବୋଲି ସୂଚନା ଦେଇଛନ୍ତି ଅବକାରୀ ଅଧୀକ୍ଷକ ଶ୍ରୀ ବରିହା। ଏଥିସହିତ ସେ ସୂଚନା ଦେଇଥିଲେ ଯେ, ଯେଉଁ ୩ ଅଭିଯୁକ୍ତଙ୍କୁ ବିର୍ସା ଛକରୁ ଗିରଫ କରାଯାଇଥିଲା, ସେମାନଙ୍କୁ ପଚରାଉଚରା କରିବା ପରେ ଜଣାଯାଇଥିଲା ଯେ, ଏଠାରେ ଆବଶ୍ୟକତା ବେଶୀ ହେଉଥିବାରୁ ମଝିରେ ମଝିରେ ସମ୍ବଲପୁରରୁ ଜଣେ ବ୍ୟକ୍ତି ନକଲି ବିଦେଶୀ ମଦ ଠିପି ଲେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ପଠାଉଥିଲେ।

ଏହି ଘଟଣା ପରେ ସମ୍ବଲପୁରରେ ମଧ୍ୟ ଯାଞ୍ଚ କରାଯିବା ସହିତ କେତେକ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଥିସହିତ ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି ଯେ, ନକଲି ବିଦେଶୀକୁ ନେଇ ଏକ ରାକେଟ୍ ଚାଲୁଥିବା ସନ୍ଦେହ କରାଯାଉଛି ଏବଂ ଏବିଷୟକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

ବିର୍ସା ଛକରେ ଥିବା ମଦ ଦୋକାନକୁ ସିଲ୍ କରିଦିଆଯିବା ସହିତ ଜବତ ହୋଇଥିବା ୩୯ ବୋତଲ ବିଦେଶୀ ମଦକୁ ରାସାୟନିକ ଯାଞ୍ଚ ପାଇଁ ପଠାଯାଇଛି। ଜବତ କରାଯାଇଥିବା ବିଦେଶୀ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ସେ କହିଥିଲେ। ସନ୍ଦେହ କରାଯାଉଛି ଯେ, ଏଥିରେ ପାଣି ମିଶା ଯାଉଥିଲା ନା ଅନ୍ୟ କୌଣସି ରାସାୟନିକ ଜିନିଷ ମିଶାଇ ପ୍ରସ୍ତୁତ କରାଯାଉଥିଲା। ଯାଞ୍ଚ ରିପୋର୍ଟ ଆସିବା ପରେ ତାହା ଜଣାପଡିବ ଏବଂ ଆବଶ୍ୟକ ହେଲେ ଲାଇସେନ୍ସିଙ୍କ ଲାଇସେନ୍ସ ମଧ୍ୟ ନାକଚ କରାଯିବା ସହିତ ଲାଇସେନ୍ସିଙ୍କ ବିରୁଦ୍ଧରେ ଅବକାରୀ ଆଇନର ଧାରା ୫୨/୫୯/୬୨ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବରିହା ସୂଚନା ଦେଇଛନ୍ତି। ଏହି ଘଟଣାରେ ରାଉରକେଲାରେ ୩ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହିତ ଆଉ ଜଣଙ୍କୁ ସମ୍ବଲପୁରରୁ ଗିରଫ କରାଯାଇଛି, ଯିଏକି ସମ୍ବଲପୁରରୁ ସପ୍ଲାଇ କରୁଥିଲେ ବୋଲି ସୂଚନା ଦେଇଛନ୍ତି ରାଉରକେଲା ଅବକାରୀ ଅଧୀକ୍ଷକ ଝସକେତନ ବରିହା।

ରାଉରକେଲାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି ଛତିଶଗଡ ରାୟପୁର ଜିଲ୍ଲାର କ୍ରିଷ୍ଣାନଗର ଏବଂ ବର୍ତ୍ତମାନ ଠିକଣା ଗାନ୍ଧୀ ରୋଡର ସନ୍ଦୀପ ଗୁପ୍ତା (୪୪), ବିହାର ଔରଙ୍ଗାବାଦ ଜିଲ୍ଲା ମଦନପୁରର ଜୟପ୍ରକାଶ ଗୁପ୍ତା (୪୫) ଏବଂ ସେ ବର୍ତ୍ତମାନ ରାଉରକେଲା ଷ୍ଟେସନ ଗୁରୁଦ୍ୱାର ରୋଡରେ ରହୁଛନ୍ତି, ସେହିପରି ତୃତୀୟ ଅଭିଯୁକ୍ତ ହେଲେ ଛତିଶଗଡ ବିଳାସପୁର ଜିଲ୍ଲା ସରେଇପାଲିର ଶିବସିଂହ ଗଣ୍ଡ (୩୪) ଏବଂ ସେ ବର୍ତ୍ତମାନ ରାଉରକେଲା ଷ୍ଟେସନ ରୋଡ୍ ଗୁରୁଦ୍ୱାର ରୋଡରେ ରହୁଛନ୍ତି ବୋଲି ସୂଚନା ଦିଆଯାଇଛି।

ତିଥି : (ପଞ୍ଚମୀ) : (ଅଶ୍ୱିନୀ ମେଷ)
ଅମୃତବେଳା: ଦିବା ଘ.୭।୪ ଗତେ ୧୦।୧୬ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁଁ ପୃଥିବୀରେ ପବିତ୍ର ଗନ୍ଧ, ଅଗ୍ନିରେ ତେଜ, ସମସ୍ତ ପ୍ରାଣୀଙ୍କ ଠାରେ ଜୀବନୀଶକ୍ତି ଏବଂ ତପସ୍ୱୀମାନଙ୍କର ତପସ୍ୟା ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଯୁବବର୍ଗଙ୍କୁ ଦିଆଯାଉ ଅଧିକ ଧ୍ୟାନ

ଆଗାମୀ ୨୦୩୬ ମସିହାରେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନକୁ ୧୦୦ବର୍ଷ ପୂରିବ। ଏହି ଶତବାର୍ଷିକୀ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ଲାଗି ରାଜ୍ୟକୁ ବିକାଶର ଗତିପଥରେ ତ୍ୱରିତ୍ ବେଗରେ ନେବା ପାଇଁ ବାର୍ଷିକ ରାଜ୍ୟ ବଜେଟ ହେଉଛି ବାହକ। ପ୍ରତି ବଜେଟରେ ଲୋକେ ଆଶା ରଖିଥାଆନ୍ତି ତାହା ଅନ୍ତତଃପକ୍ଷେ ସାଧାରଣ ଜନତାଙ୍କ ଆଶା-ଆକାଂକ୍ଷା ପ୍ରତିଫଳନ କରୁ। ଯେକୌଣସି ସରକାରରେ ପ୍ରାଥମିକତା ହେଉଛି ଲୋକଙ୍କ ଉନ୍ନତି। ଲୋକଙ୍କ ଉନ୍ନତି ବ୍ୟତିରେକ ରାଜ୍ୟର ପ୍ରଗତି ଚିନ୍ତା କରିବା ଅସମ୍ଭବ। ଏଥରର ବଜେଟ ପୂର୍ବ ତୁଳନାରେ ୬.୯ ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି। ତେଣୁ ଏହା ସ୍ୱର୍ଣ୍ଣିମ ସଫଳତାର ମୂଳଦୁଆ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି।

ଏଥରକ ବଜେଟରେ ଯେଉଁ କେତେକ ଦିଗକୁ ଆବଶ୍ୟକ ଦୃଷ୍ଟି ଦିଆଯାଇଥିବା ପରି ମନେ ହେଉନାହିଁ, ତାହା ମଧ୍ୟରେ ରହିଛି ଗ୍ରାମ୍ୟଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପର୍ଯ୍ୟଟନ, କୃଷି ଓ କୃଷକ ସଶକ୍ତିକରଣ, କ୍ରୀଡ଼ା ଓ ଯୁବସେବା, ଆଇନ। ରାଜ୍ୟ ସରକାର ବଜେଟ ଭାଗ ୧ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ବ୍ୟୟବରାଦ କରିଛନ୍ତି ୪୨ହଜାର ୪୯୨କୋଟି। ସ୍ମରଣ କରାଯାଇପାରେ ଯେ ଏହାର ପୂର୍ବବର୍ଷ ବଜେଟରେ ଏହି କ୍ଷେତ୍ର ପାଇଁ ଆବଣ୍ଟିତ ହୋଇଥିଲା ୩୭ହଜାର ୮୩୮କୋଟି। ଏଥରର ପରିମାଣ ବୃଦ୍ଧି ପାଇଥିବା ଦୃଷ୍ଟିରୁ ନିଶ୍ଚୟ ଆଶା ରହିବ ଅନ୍ନଦାତାଙ୍କ ସମୁଚିତ ସମୃଦ୍ଧି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟରେ ବହୁ ସମୟରେ ପନିପରିବା ହେଉ କିମ୍ବା ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରୁନାହିଁ। ପିଆଜ ଲାଗି ନାସିକ, ଆଳୁ ପାଇଁ ପଶ୍ଚିମବଙ୍ଗ ଏପରି ନିର୍ଭରତା ବରାବର ଲାଗିରହିଛି। ଯଦି ଆଳୁ କଥା କୁହାଯିବ ପଶ୍ଚିମବଙ୍ଗ ବହୁ ସମୟରେ ତୋଡ଼ ଦେଖାଏ ଓଡ଼ିଶାକୁ ଆଳୁ ଯୋଗାଇବ ନାହିଁ। ସୁତରାଂ ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଚାଷୀମାନେ କେବଳ ଧାନ ଚାଷକୁ ଅଧିକ ପ୍ରାଧାନ୍ୟ ନ ଦେଇ ରାଜ୍ୟ ଯେଉଁ ପନିପରିବା ଓ ଫସଲ ଉପରେ ବାହାର ରାଜ୍ୟଗୁଡ଼ିକ ଉପରେ ନିର୍ଭର କରୁଛି ସେ କ୍ଷେତ୍ରରେ ଆତ୍ମନିର୍ଭର ହେଉ। ଅଧିକନ୍ତୁ ଅନ୍ୟାନ୍ୟ ରାଜ୍ୟକୁ ଏସବୁ ସାମଗ୍ରୀ ପଠେଇବାରେ ସମର୍ଥ ହେଉ। ଏ ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ଉତ୍ପାଦିତ ଫସଲ ଉପରେ ଗୁରୁତ୍ୱ ବିଶ୍ୱବ୍ୟାପୀ ପ୍ରକାଶ ପାଉଥିବା ବେଳେ ଏ କ୍ଷେତ୍ରରେ ରାଜ୍ୟ ସରକାର ଆଶାନୁରୂପ ପ୍ରଗତି ହାସଲ କରିନାହାନ୍ତି। ଏହି ହେତୁ ଏ ଦିଗରେ ଉଚିତ ଦୃଷ୍ଟି ଦିଆଗଲେ, ଓଡ଼ିଶା ଦେଶ ତଥା ଦେଶ ବାହାରେ ମଡେଲ ସାଜିପାରିବ।

ବନ୍ୟା ନିୟନ୍ତ୍ରଣ ପାଇଁ ୧୭ ହଜାର ୮୫୫କୋଟି ଥିବା ବେଳେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଲାଗି ରାଜ୍ୟ ସରକାରଙ୍କ ବ୍ୟୟବରାଦ ରହିଛି ୧୮୨୩.୧୧କୋଟି। ଯୁବବର୍ଗ ହୁଅନ୍ତୁ ଅବା ଗ୍ରାମ କି ସହରର ଯେତେ ସଂଖ୍ୟକ ଲୋକ କୌଣସି କ୍ଷେତ୍ରରେ ଦକ୍ଷତା ହାସଲ କରିବେ ତେବେ ତାହା ଅର୍ଥନୀତିକୁ ବଳଶାଳୀ କରିବ। ତେଣୁ ଏହି କ୍ଷେତ୍ର ଲାଗି ଅଧିକ ଅର୍ଥ ବରାଦ ବ୍ୟବସ୍ଥା କରାଯିବାର ଆବଶ୍ୟକତା ଥିଲା। ରାଜ୍ୟ ପାଇଁ ସର୍ବଦା ଏକ ଅଭିଶାପ ପାଲଟିଛି ଦାଦନ ସମସ୍ୟା। କେନ୍ଦ୍ର ସରକାରଙ୍କ ଭିବି ଜି ରାମ ଜି ଯୋଜନା ପାଇଁ ରାଜ୍ୟ ସରକାର ୫ହଜାର ୫ଶହ ୭୫କୋଟି ଏବଂ ୯ଟି ଜିଲ୍ଲାର ୩୦ଟି ଦାଦନପ୍ରବଣ ଅଞ୍ଚଳ ପାଇଁ କର୍ମଯୋଗାଣ ନିମିତ୍ତ ଆଉ ୪ଶହ କୋଟି ବ୍ୟୟବରାଦ କରିଛନ୍ତି। ପ୍ରତିବର୍ଷ ସରକାରଙ୍କ ଅଜାଣତରେ ବାହାର ରାଜ୍ୟକୁ ଦାଦନ ଖଟିବା ଲାଗି ଗରିବ ଲୋକଙ୍କ ସୁଅ ଛୁଟିବା ଉଣାଅଧିକେ ସମସ୍ତେ ଜାଣନ୍ତି। ଯଦି ରୋଜଗାର ସେମାନଙ୍କୁ ଠିକଣା ଭାବରେ ଯୋଗାଯାଇପାରନ୍ତା ତେବେ ଦାଦନପ୍ରବଣ ଅଞ୍ଚଳର ଲୋକେ ଘରେ ତାଲା ପକାଇ ବାହାରକୁ ଗୋଡ଼ କାଢନ୍ତେ ନାହିଁ। ରାଜ୍ୟରେ ଏ କ୍ଷେତ୍ରରେ ଭିତ୍ତିଭୂମି ଏଭଳି କରାଯିବା ଦରକାର ଯାହାଦ୍ୱାରା ବାହାର ରାଜ୍ୟକୁ ଯିବା ପାଇଁ ସେମାନେ ମନେ ବଳାଇବେ ନାହିଁ।

କ୍ରୀଡ଼ା ଓ ଯୁବସେବା ପାଇଁ ୧୩୫୯.୨୯କୋଟି ଟଙ୍କାର ବ୍ୟୟବରାଦ କମ୍ ହୋଇଥିବା ଅନୁଭୂତ ହେଉଛି। ଦିନ ଥିଲା ରାଜ୍ୟରେ ବହୁ ଖେଳପଡ଼ିଆ ରହିଥିଲା। ସେଠାରେ କିଶୋର କିଶୋରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଖେଳକୁଦ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ସୁନାମ ଅର୍ଜନ କରୁଥିଲେ। ଏବେ ଗାଁଗହଳରେ ଖେଳପଡ଼ିଆ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି। ସେଥିରେ ଜବରଦଖଲ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସୁତରାଂ କ୍ରୀଡ଼ା କ୍ଷେତ୍ର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଆଉ ଅଧିକ ବ୍ୟୟବରାଦ କରିବାର ଥିଲା।

ପ୍ରତି ପରିବାରରେ ସମୃଦ୍ଧିର ଆଗମନ ହୋଇପାରିବ ଯେତେବେଳେ ପ୍ରତି ଗାଁରେ ବିକାଶ ପହଞ୍ଚିବ। ଏ ଦିଗରେ ରାଜ୍ୟ ବଜେଟରେ ଗ୍ରାମାଞ୍ଚଳ ସଶକ୍ତିକରଣ ପ୍ରତି ଅଧିକ ଦୃଷ୍ଟିନିବେଶର ଆବଶ୍ୟକତା ରହିଛି। ଆଶ୍ୱସନା ଯେ ମଧୁବାବୁ ପେନସନ ଯୋଜନାରେ ବାଦ୍ ପଡ଼ିଥିବା ୬ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଏଣିକି ପେନସନ ମିଳିବ। ମୋଟ ଉପରେ ଚଳିତ ବଜେଟକୁ ସମୃଦ୍ଧ କୁହାଯାଉଥିଲେ ବି ଯୁବବର୍ଗଙ୍କୁ ଅଧିକ ଧ୍ୟାନ ଦେବା ଆବଶ୍ୟକତା ରହିଥିଲା, ଯେଉଁମାନେ କି ଆତ୍ମନିର୍ଭର ହୋଇ ଆଗକୁ ବଢିପାରିବେ।

# ୟୁରୋପ ବଜାରରେ ଭାରତର ପ୍ରବେଶ

## ସୌମେନ୍ଦ୍ର ଜେନା

ଟ୍ରମ୍ପ ବିଶ୍ୱକୁ ନାଲିଆଖି ଦେଖାଇ, ଶୁଳ୍କ ଲଗାଇ, ଦେଶ ଜବରଦଖଲର ଭୟ ଦେଖାଇ, ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଦେଶଭିତରୁ ଅପହରଣ କରିଆଣି ସାରା ବିଶ୍ୱକୁ ସନ୍ତ୍ରସ୍ତ କରିବାକୁ ଚେଷ୍ଟା କରିବା ସମୟରେ ମୋଦି ଟ୍ରମ୍ପଙ୍କ ସହ କଥା ନ ହୋଇ, ଅନେକ ବିଷୟରେ ମନ୍ତବ୍ୟ ନ ଦେଇ, ଟ୍ରମ୍ପଙ୍କ ଶୁଳ୍କ ଧମକ ଆଗରେ ଭୟ ନ କରି ଯେପରି ସାହସ ଓ ଧୈର୍ଯ୍ୟର ସହ ଭାରତ ପାଇଁ ବିକଳ୍ପ ବଜାର ଖୋଲିବାକୁ ସକ୍ଷମ ହେଲେ ତାହା ବେଶ୍ ପ୍ରଶଂସନୀୟ । ଆଗାମୀ ଦିନରେ ଭାରତ ପାଇଁ ଏହା ବନ୍ଧୁ ଅର୍ଜନର କାରକ ହେବ ।

ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟିକ ବୁଝାମଣାକୁ ଦେଖି ଆମେରିକାର ଟ୍ରମ୍ପ ପ୍ରଶାସନର ବୁଦ୍ଧି ହଜିଯାଇଛି । ପ୍ରଶାସନର ସରକାରୀ ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି, ରୁଷିଆ ଠାରୁ ତେଲ କିଣିବା ଯୋଗୁଁ ଆମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲୁ। କିନ୍ତୁ ପରିଣତି କଣ ହେଲା ? ୟୁରୋପୀୟ ରାଷ୍ଟ୍ରଗୁଡିକ ଭାରତ ସହ ବାଣିଜ୍ୟିକ ବୁଝାମଣା କଲେ ।

ଭାରତ ସହ ୟୁରୋପ ମୁକ୍ତ ବାଣିଜ୍ୟ ବୁଝାମଣା କରି ଠିକ୍ କରିନାହିଁ ବୋଲି ଟ୍ରମ୍ପଙ୍କ ପ୍ରଶାସନ ମତ ଦେଇଛି । ଏହାର କାରଣ ହେଲା ୟୁରୋପ ସହ ଆମେରିକା ବାର୍ଷିକ ୩୦୦ ବିଲିଅନ ଡଲାରର ବ୍ୟବସାୟ କରିଥାଏ। ୟୁରୋପ ସହ ଭାରତର ବୁଝାମଣାପରେ



ଆମେରିକାର ଅନେକ ବାଣିଜ୍ୟ ଭାରତ ନେବ, ଏଥିରେ ସନ୍ଦେହ ନାହିଁ। ୟୁରୋପରେ ଭାରତର ଚଳ ଏବେ ଆମେରିକାକୁ ଚିନ୍ତାରେ ପକାଇ ଦେଇଛି । ଭାରତ-ୟୁରୋପ ମଧ୍ୟରେ ପ୍ରତିରକ୍ଷା ଓ ଟେକ୍ନୋଲୋଜୀ ସହଯୋଗ ବଢିଲେ ଆମେରିକାର ଅଧିକ କ୍ଷତି ହେବ ଏହା ନିଶ୍ଚିତ। ରୁଷିଆ ଏବଂ ୟୁରୋପ ମଧ୍ୟରେ ଭାରତ ସନ୍ତୁଳନ ରକ୍ଷାକାରୀ ଭାବେ କାର୍ଯ୍ୟକଲେ ତାହା ଆମେରିକାର ସ୍ୱାର୍ଥକୁ ଅଧିକ କ୍ଷତି ପହଞ୍ଚାଇବ। ଏହି ବୁଝାମଣା କେବଳ ଆରମ୍ଭ ମାତ୍ର, ଆଗାମୀ ଦିନରେ ବହୁତ କିଛି ହେବାଲୁ ବାକି ଅଛି ବୋଲି କହିଛନ୍ତି ଉର୍ସୁଲା ଭନଡେର ଲାୟେନ। ଏହି ବୁଝାମଣା ୨୦୨୭ ବେଳକୁ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ, ଦୁଇପକ୍ଷ ମଧ୍ୟରେ ଅନେକ କିଛି ଭଲକାର୍ଯ୍ୟ ହେବ, ସମସ୍ତଙ୍କ ଦୃଷ୍ଟିକୁ ଆସିବ ବୋଲି କୁହାଯାଉଛି । ତେବେ ଏହି ବୁଝାମଣା ସବୁ ଦୃଷ୍ଟିରୁ ଯେମିତି ବଡ, ସେମିତି ବ୍ୟାପକ । ଭାରତ ଏକିବଂଶ ଶତାବ୍ଦୀର ନେତୃତ୍ୱ ନେଉଛି, ଆଗାମୀ ଦିନମାନଙ୍କରେ ମଧ ନେବ, ଏହା କେବଳ ପ୍ରକୃତରେ ଅୟମାରମ୍ଭ ମାତ୍ର ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ରାଜ୍ୟସଭା ନିର୍ବାଚନର ଛକାପଞ୍ଝା

## ବୁଦ୍ଧରାମ ସାହୁ

**"୨୦୨୪ ନିର୍ବାଚନରେ ବି.ଜେ.ପି. ୪୦.୭% ଭୋଟ ପାଇଥିବା ସ୍ଥଳେ ବି.ଜେ.ଡି ୪୦.୨୨% ଭୋଟ ଅର୍ଥାତ୍ ୦.୧୫% ଭୋଟ ଅଧିକ ପାଇଥିଲା। କିନ୍ତୁ ୨୦୨୫ ନୂଆପଡ଼ା ଉପନିର୍ବାଚନରେ ଦଳ ୩ ସ୍ଥାନକୁ ଖସି ଆସିଲା। ଏହା କେବଳ ଦଳୀୟ ପ୍ରାର୍ଥୀ ଚୟନ ଏବଂ ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ଦଳକୁ ଭୋଗିବାକୁ ପଡ଼ିଲା। ତା ପରବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟସଭା ନିର୍ବାଚନରେ ଏଭଳି ଘଟଣାର ପୁନରାବୃତ୍ତି ନ କରି ବିଧାୟକମାନଙ୍କ ମହମତି ସହ ଆନୁଗତ୍ୟ ଭିତ୍ତିରେ ପ୍ରାର୍ଥୀ ଚୟନ ପ୍ରତି ବିଚାର କରି ସୁପ୍ରିମୋ ପଦକ୍ଷେପ ନେବା ଉଚିତ। ଯାହାଦ୍ୱାରାକି ଦଳରେ ବିଭାଜନକୁ ଏହାଦ୍ୱାରା ରୋକାଯାଇ ପାରିବ। ନୂଆପଡ଼ା ଉପନିର୍ବାଚନ ପରେ ଯଦି ରାଜ୍ୟସଭାରେ ଗୋଟି ଚାଳନା ଠିକ୍ ଭାବରେ ନ କରି ପରାଜୟର ସମ୍ମୁଖୀନ ହୁଅନ୍ତି, ତେବେ ଏହାର କୁପରିଣତି ଆସନ୍ତା ପଞ୍ଚାୟତ ନିର୍ବାଚନରେ ନିଶ୍ଚୟ ଭୋଗିବାକୁ ପଡ଼ିବ ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।"**

ନିକଟରେ ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନ ଆସନ୍ନ ପ୍ରାୟ। ଏଥର ରାଜ୍ୟସଭାକୁ ବିଜୟୀ ହେବାକୁ ହେଲେ ସମୁଦାୟ ଚରିଜଣ ପ୍ରାର୍ଥୀ ପାଇଁ ବିଧାନସଭା ସଭ୍ୟଙ୍କ ଏକ-ପଞ୍ଚମାଂଶ ଅର୍ଥାତ୍ ଅତିକମ୍‌ରେ ୩୦ଟି ସଭ୍ୟଙ୍କ ଭୋଟ ପାଇବା ଆବଶ୍ୟକ। ବିଧାନସଭାରେ ବିରୋଧୀ ଦଳରେ ବିଜେଡି-୫୦, କଂଗ୍ରେସ-୧୪ ଓ ବାମପନ୍ଥୀ କମ୍ୟୁନିଷ୍ଟ ଦଳ-୧କୁ ମିଶାଇଲେ ସେମାନେ ୬୫ ବିଧାୟକ ହେବେ ଏବଂ ସୁରୁଖୁରୁରେ ୨ଟି ଆସନରେ ବିଜୟୀ ହୋଇପାରିବେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଉଭୟଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ସମସ୍ୟା ଯୋଗୁଁ ମେଣ୍ଟ ହେବା ସମ୍ଭାବନା କ୍ଷୀଣ। ଏପରି ସ୍ଥିତିରେ ବୃହତ୍ତର ଦଳ ହିସାବରେ ବି.ଜେ.ଡି ଦଳର ସୁପ୍ରିମୋ କଂଗ୍ରେସର କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ନିର୍ଯାସରେ ଉପନୀତ ହେବା ନିହାତି ଆବଶ୍ୟକ।

ନୂଆପଡ଼ା ଉପନିର୍ବାଚନରେ ବିଜୟୀ ବିଧାୟକଙ୍କୁ ମିଶାଇଲେ ବି.ଜେ.ପି.ର ୭୯ ଏବଂ ୩ଜଣ ସ୍ୱାଧୀନ ସଭ୍ୟଙ୍କ ସମର୍ଥନ ଦେଲେ ସେମାନେ ୮୨ରେ ପରିଣତ ହେବେ। ରାଜ୍ୟସଭା ଭୋଟ ଜିତିବାକୁ ହେଲେ ବି.ଜେ.ପି.ର ୨ଟି ଏବଂ ବି.ଜେ.ଡି.ର ଗୋଟିଏ ଆସନ ସହଜରେ ହାସଲ ହୋଇପାରିବ। ତାପର ସଂଖ୍ୟା ହିସାବ କଲେ ବି.ଜେ.ପି.ର ୨୨ଟି ଏବଂ ବି.ଜେ.ଡି.ର ୨୦ଟି ଭୋଟ ବଳକା ରହିବ। ବି.ଜେ.ପି.ର ଆଉ ୮ଟି ଭୋଟ ଆବଶ୍ୟକ ହେଲେ ସେ ତାର ୪ର୍ଥ ପ୍ରାର୍ଥୀଙ୍କୁ ମଧ୍ୟ ବିଜୟୀ କରିପାରିବ। ତେଣୁ ଶାସକ ଦଳ ଅନ୍ୟ ଦଳୀୟ ଭୋଟ ପାଇ ଘୋଡ଼ା ବେପାର ନିଶ୍ଚୟ କରିପାରେ। ଅପର ପକ୍ଷରେ ଯଦି ବି.ଜେ.ଡି. ଓ କଂଗ୍ରେସ ମିଶିଯାଆନ୍ତି ତେବେ ୬୪ ଭୋଟ ପାଇ ଚତୁର୍ଥ ପ୍ରାର୍ଥୀ ନିଶ୍ଚୟ ବିଜୟୀ ହେବେ, ଏଥିରେ ସନ୍ଦେହ ନାହିଁ।

ଏଠାରେ ସୂଚାଇ ଦେବାକୁ ଚାହେଁ ଯେ, ଗତ ବି.ଜେ.ଡି. ଶାସନ ସମୟରେ କେନ୍ଦ୍ରରେ ବି.ଜେ.ପି. ସରକାର ଥିବା ଯୋଗୁ ପରିସ୍ଥିତିରେ ପଡ଼ି ବାଧ ହୋଇ ବି.ଜେ.ପି. ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବି.ଜେ.ଡି. ସମର୍ଥନ ଦେଇଥିଲା। କିନ୍ତୁ ବର୍ତ୍ତମାନ ବି.ଜେ.ଡି. ବିରୋଧୀ ଦଳରେ ଥିବାରୁ ସେଭଳି ସମର୍ଥନ ଦେବାର କୌଣସି ଆବଶ୍ୟକତା ନାହିଁ। ଅପରନ୍ତୁ ବି.ଜେ.ପି. ଦୀର୍ଘ ୧୮ ମାସରୁ ଉର୍ଦ୍ଧ୍ୱ ସମୟ ଶାସନରେ ଥିଲେ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କିମ୍ବା ନିଗମ କର୍ମକର୍ତ୍ତା ପ୍ରଦାନ ନ କରିବା ଯୋଗୁଁ ସେମାନଙ୍କର ଅନ୍ତର୍ନିହିତ ବିଦ୍ରୋହ ଯେ ଚରମ ସୀମାରେ ପହଞ୍ଚିଲାଣି ବୋଲି ମନେ ହୁଏ। ତେଣୁ ବି.ଜେ.ପି ଯେ ଆବଶ୍ୟକ ପଡ଼ିଲେ ଘୋଡ଼ା ବେପାରରେ ସାମିଲ୍ ନ ହେବ ତାହା କୁହାଯାଇ ନପାରେ।

ବି.ଜେ.ପିର ପ୍ରାର୍ଥୀ ସମସ୍ୟା ଅପେକ୍ଷା ବି.ଜେ.ଡି.ରେ ସେ ସମସ୍ୟା ନାହିଁ ତାହା କୁହାଯାଇ ନ ପାରେ। ଗତ ୩/୪ଟି ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନରେ ଦଳୀୟ ସଂଗଠନରେ ଏବଂ ଦଳୀୟ ଆନୁଗତ୍ୟ ନ ଥିବା କେତେକ ପ୍ରମୁଖ ଦଳ ସଂଗଠନରେ ସାମିଲ୍ ନଥିଲେ। ତେଣୁ ନିର୍ଭୀକ ଭାବେ ଦଳ ପରିତ୍ୟାଗ କଲେ। ଶୁଣାଯାଏ ଯେ, ସେମାନେ ସମସ୍ତେ ଦଳର ଚର୍ଚ୍ଚିତ ନେତାଙ୍କ ସମର୍ଥକ ଥିଲେ ତେଣୁ ଦଳକୁ ବିଶ୍ୱାସଘାତକତା କରିବାକୁ ପଶ୍ଚାତ୍‌ପଦ ହେଲେନାହିଁ।

ରାଜ୍ୟସଭାଟି ପାର୍ଲାମେଣ୍ଟର ଉଚ୍ଚ ସାମ୍ବିଧାନିକ ସଦନ। ଦେଶରେ ନିର୍ବାଚନ ହେଲେ କିମ୍ବା ଜରୁରୀ ପରିସ୍ଥିତି ଜାରି ହେଲେ ମଧ୍ୟ ରାଜ୍ୟସଭା ସଦସ୍ୟମାନଙ୍କ ସ୍ଥିତି ଜାହିର ଥାଏ। ବିଧାନସଭାରୁ ନିର୍ବାଚିତ ସଭ୍ୟମାନେ ନିର୍ବାଚନ ପରେ ବିଧାୟକ ଚାହିଁଲେ ମଧ୍ୟ ତାଙ୍କୁ ଫେରେଇ ଆଣିପାରିବେ ନାହିଁ। ତେଣୁ ରାଜ୍ୟସଭାକୁ ଥଇଥାନ କେନ୍ଦ୍ର କରାଯିବାଟା ଭାରତୀୟ ସମ୍ବିଧାନ ପ୍ରତି ଅସମାନ୍ୟ କରାଯିବା ସଙ୍ଗେ ସମାନ।

ବିଗତ ଦିନରେ ରାଜ୍ୟ ବିଧାନସଭାରୁ ନିର୍ବାଚିତ ହୋଇଥିବା ସର୍ବଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଅଚ୍ୟୁତ ସାମନ୍ତ, ବିଷ୍ଣୁ ଦାସ, କିଶୋର ମହାନ୍ତି, ପ୍ରତାପ କେଶରୀ ଦେବ, ଅନୁଭବ ମହାନ୍ତି ଓ ସୁବାସ ସିଂହ ପ୍ରମୁଖଙ୍କୁ ବିନା କାରଣରେ ଫେରାଇ ଅଣା ଯାଇଥିଲା। ଏହା କେତେଦୂର ସାମ୍ବିଧାନିକ ନିଷ୍ପତ୍ତି ନା ଥଇଥାନ କେନ୍ଦ୍ର ତାହା ବୁଝିହୁଏନା।

ବିଗତ ୧୯୯୦ରେ ଯେତେବେଳେ ଜନତା ଦଳ ସରକାରରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ସେ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଦଳୀୟ ସଂଗଠନରୁ ହିଁ ଆବିଷ୍କାର କରିଥିଲେ। ଯେଉଁମାନେ କେବେ ବି ଦଳୀୟ ପ୍ରାର୍ଥୀ ହୋଇନାହାନ୍ତି କି କୌଣସି ନିର୍ବାଚନରେ ପରାଜୟ ହେବାର ନଜିର ନାହିଁ। ସେମାନେ ହେଲେ ସର୍ବଶ୍ରୀ ଶାରଦା ପ୍ରସାଦ ମହାନ୍ତି, ନରେନ୍ଦ୍ର ପ୍ରଧାନ, ରାହାସ ବାରିକ, ସନାତନ ବିଶି, ବସନ୍ତ ଦାସ, ପ୍ରଭାତ ସାମନ୍ତରାୟ, ସୁଶ୍ରୀ ଦେବୀ ଓ ମୀରା ଦାସ ପ୍ରମୁଖ। ଏମାନେ ବିଜୁବାବୁଙ୍କ ସାଂଗଠନିକ କ୍ଷେତ୍ରରେ ବହୁ ଭାବରେ ଜଡ଼ିତ ଥିଲେ। ତାଙ୍କର ଦକ୍ଷତା ଓ ଆନୁଗତ୍ୟ ପାଇ ହିଁ ସେମାନେ ରାଜ୍ୟସଭା ପାଇଁ ମନୋନୀତ ହେଲେ ଓ କେନ୍ଦ୍ରରେ ବିଜୁବାବୁଙ୍କ ଦଳର ସ୍ଥିତାବସ୍ଥାକୁ ସୁଦୃଢ ଓ ସହଯୋଗ କରିବାର ଦାୟିତ୍ୱ ତୁଲାଉଥିଲେ।

ରାଜ୍ୟସଭା ନିର୍ବାଚନରେ ଗୋଟି ଚାଳନାରେ ଫେଲ୍ ମାରିବା ବି.ଜେ.ଡି. ସୁପ୍ରିମୋ ନବୀନ ବାବୁଙ୍କ ପାଇଁ ନୂଆ ନୁହେଁ, ଏକଦା ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ଭଳି ଉଭୟ ପଦରେ ଥାଇ ମଧ୍ୟ ୨୦୦୨ ମସିହା ଦ୍ୱିବାର୍ଷିକ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ମେଣ୍ଟ ଦଳ ଓ କଂଗ୍ରେସକୁ ବିଭାଜନ କରି ଶତ ତାଗିଦ ସତ୍ତ୍ୱେ ନବୀନଙ୍କୁ ଚକ୍‌ମା ଦେଇ ବିଜୟୀ ହୋଇପାରିଥିଲେ। ପୁନର୍ବାର ୨୦୧୪ରେ ନବୀନ ମନୋନୀତ ପ୍ରାର୍ଥୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ବି.ଜେ.ଡି. ସହଯୋଗ ଦଳଠାରୁ ସମର୍ଥନ ଆଶା ରଖିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବି.ଜେ.ପି. ନବୀନଙ୍କୁ ସମର୍ଥନ ପତ୍ର ପ୍ରତ୍ୟାହାର କରି କଂଗ୍ରେସ ସପକ୍ଷରେ ଭୋଟ ଦେବାରୁ କଂଗ୍ରେସ ପ୍ରାର୍ଥୀ ରଞ୍ଜୀବ ବିଶ୍ୱାଳ ବିଜୟୀ ହେଲେ ଓ ଶିଳ୍ପୀ ରଘୁନାଥ ମହାପାତ୍ର ପରାଜୟ ବରଣ କରିଥିଲେ।

୨୦୨୪ ନିର୍ବାଚନରେ ବି.ଜେ.ପି. ୪୦.୭% ଭୋଟ ପାଇଥିବା ସ୍ଥଳେ ବି.ଜେ.ଡି ୪୦.୨୨% ଭୋଟ ଅର୍ଥାତ୍ ୦.୧୫% ଭୋଟ ଅଧିକ ପାଇଥିଲା। କିନ୍ତୁ ୨୦୨୫ ନୂଆପଡ଼ା ଉପନିର୍ବାଚନରେ ଦଳ ୩ ସ୍ଥାନକୁ ଖସି ଆସିଲା। ଏହା କେବଳ ଦଳୀୟ ପ୍ରାର୍ଥୀ ଚୟନ ଏବଂ ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ଦଳକୁ ଭୋଗିବାକୁ ପଡ଼ିଲା। ତା ପରବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟସଭା ନିର୍ବାଚନରେ ଏଭଳି ଘଟଣାର ପୁନରାବୃତ୍ତି ନ କରି ବିଧାୟକମାନଙ୍କ ସହମତି ସହ ଆନୁଗତ୍ୟ ଭିତ୍ତିରେ ପ୍ରାର୍ଥୀ ଚୟନ ପ୍ରତି ବିଚାର କରି ସୁପ୍ରିମୋ ପଦକ୍ଷେପ ନେବା ଉଚିତ। ଯାହାଦ୍ୱାରାକି ଦଳରେ ବିଭାଜନକୁ ଏହାଦ୍ୱାରା ରୋକାଯାଇ ପାରିବ। ନୂଆପଡ଼ା ଉପନିର୍ବାଚନ ପରେ ଯଦି ରାଜ୍ୟସଭାରେ ଗୋଟି ଚାଳନା ଠିକ୍ ଭାବରେ ନ କରି ପରାଜୟର ସମ୍ମୁଖୀନ ହୁଅନ୍ତି, ତେବେ ଏହାର କୁପରିଣତି ଆସନ୍ତା ପଞ୍ଚାୟତ ନିର୍ବାଚନରେ ନିଶ୍ଚୟ ଭୋଗିବାକୁ ପଡ଼ିବ ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ଖାରବେଳ ନଗର,
ମୋ-୯୪୩୭୧୭୯୦୪୭

# ୟୁଏସ ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କ ଲାଗୁ ଅଧିକାରକୁ ରଦ୍ଦ କଲେ !

## ଅସିତ ମହାନ୍ତି

**"ଆମେରିକା ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି କେବଳ ଟ୍ରମ୍ପ ପ୍ରଶାସନ ପାଇଁ ଏକ ପରାଜୟ ନୁହେଁ, ବରଂ ବିଶ୍ୱ ବାଣିଜ୍ୟ ସନ୍ତୁଳନ ପାଇଁ ଏକ ଐତିହାସିକ ମୋଡ଼। ଭାରତ ପାଇଁ, ଏହା ଆଶ୍ୱସ୍ତି ଏବଂ ସୁଯୋଗ ଉଭୟ ଆଣିଥାଏ, ଏବଂ ଆଗାମୀ ମାସଗୁଡ଼ିକରେ ଦେଖିବାକୁ ବାକି ଅଛି ଯେ ନୂଆଦିଲ୍ଲୀ ଏହି ପରିସ୍ଥିତିକୁ କିପରି ବ୍ୟବହାର କରେ। ୟୁରୋପୀୟ ଦେଶମାନେ ଆମେରିକାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି, ଯାହା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟାପକ 'ବିଶ୍ୱବ୍ୟାପୀ ଶୁଳ୍କ'କୁ ଅସାମ୍ବିଧାନିକ ଘୋଷଣା କରିଛି। ୟୁରୋପୀୟ ସଂଘ , ବ୍ରିଟେନ ଏବଂ କାନାଡାର ନେତା ଏବଂ ବ୍ୟାବସାୟିକ ସଂଗଠନ ଏହାକୁ ଏକ ସକାରାତ୍ମକ ପଦକ୍ଷେପ ଭାବରେ ସ୍ୱାଗତ କରିଛନ୍ତି, କାରଣ ଏହା ଅନ୍ତର୍ଜାତୀୟ ବାଣିଜ୍ୟ ଉତ୍ତେଜନାକୁ କମ୍ କରିବାର ସମ୍ଭାବନା ପ୍ରଦାନ କରେ।"**

ଆମେରିକାର ସୁପ୍ରିମକୋର୍ଟ ସମ୍ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା 'ବିଶ୍ୱବ୍ୟାପୀ ଶୁଳ୍କ'କୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି କେବଳ ଆମେରିକାର ଆଭ୍ୟନ୍ତରୀଣ ରାଜନୀତି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ଏବଂ ଭାରତ ଭଳି ଦେଶ ପାଇଁ ମଧ୍ୟ ଏହାର ଗଭୀର ପ୍ରଭାବ ରହିଛି। ଟ୍ରମ୍ପ ପ୍ରଶାସନ ୧୯୭୭ ମସିହାର ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନକୁ ଉଦ୍ଧୃତ କରି ଅନେକ ଦେଶ ଉପରେ ଭାରୀ ଶୁଳ୍କ ଲଗାଇଥିଲା। କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ତାଙ୍କର ସାମ୍ବିଧାନିକ ସୀମା ଅତିକ୍ରମ କରିଛନ୍ତି ଏବଂ ଏହି ଶୁଳ୍କକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଏକ ବଡ଼ ଖବର ଏବଂ ବିଶ୍ୱ ପାଇଁ ଏକ ଆଶ୍ୱସ୍ତି। ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କ ଲାଗୁ କରିବାର ଅଧିକାରକୁ ରଦ୍ଦ କରିଛନ୍ତି। ଆମେରିକାର ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଲାଗୁ କରିବାର କୌଣସି ଅଧିକାର ନାହିଁ। ସେ ପ୍ରକୃତରେ ୧୯୭୭ ର ଜରୁରୀକାଳୀନ ଆଇନର ଅପବ୍ୟବହାର କରିଛନ୍ତି। ଆମେରିକାର ସୁପ୍ରିମକୋର୍ଟର ନଅ ଜଣିଆ ଖଣ୍ଡପୀଠ ୬-୩ ଭୋଟରେ ଏହି ନିଷ୍ପତ୍ତି ନେଇଛନ୍ତି ଏବଂ ଏହି ନିଷ୍ପତ୍ତିରେ ସେମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତିଙ୍କର ବର୍ତ୍ତମାନ ଏପରି କୌଣସି ଅଧିକାର ନାହିଁ। ଆମେରିକାର ସମ୍ବିଧାନ ପ୍ରଣେତାମାନେ ସରକାରଙ୍କୁ କୌଣସି ପ୍ରକାରର ଟିକସ ଲାଗୁ କରିବାର ଅଧିକାର ଦେଇ ନାହାଁନ୍ତି। ଏହା ମୁଖ୍ୟ ବିଚାରପତି ଜନ୍ ରବର୍ଟସ୍ ଲେଖିଥିଲେ।

ଆମେରିକାର ସୁପ୍ରିମକୋର୍ଟକୁ ପ୍ରାରମ୍ଭରେ ଏକ ରକ୍ଷଣଶୀଳ ଅଦାଲତ, ଏକ ରିପବ୍ଲିକାନ୍ କୋର୍ଟ ବୋଲି ଭାବୁଥିଲା। ତିନିରୁ ଅଧିକ ରିପବ୍ଲିକାନ୍-ନିଯୁକ୍ତ ସୁପ୍ରିମକୋର୍ଟ ବିଚାରପତି ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ରାୟ ଦେଇଛନ୍ତି। ସେମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଶୁଳ୍କ ଲାଗୁ କରିବାର କ୍ଷମତା ଆମେରିକାର ସଂସଦ କିମ୍ବା କଂଗ୍ରେସ ପାଖରେ



ରହିଛି। ଆମେରିକାର ସମ୍ବିଧାନ ଆମେରିକୀୟ ସରକାରଙ୍କୁ ତିନୋଟି ଭାଗରେ ବିଭକ୍ତ କରିଛି। ଗୋଟିଏ ହେଉଛି କାର୍ଯ୍ୟନିର୍ବାହୀ, ଅର୍ଥାତ୍ ରାଷ୍ଟ୍ରପତି, ଯିଏ ନୀତି ନିର୍ମାତା। ଦ୍ୱିତୀୟଟି ହେଉଛି କଂଗ୍ରେସ, ଯାହା ନିୟମ ପ୍ରଣୟନ କରେ। ରାଷ୍ଟ୍ରପତିଙ୍କ କାମ ହେଉଛି ସେହି ନିୟମ ଅନୁସାରେ କାମ କରିବା। ତୃତୀୟ, ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ କାମ ହେଉଛି କଂଗ୍ରେସ ଦ୍ୱାରା ଗୃହୀତ ନିୟମଗୁଡ଼ିକ ସମ୍ବିଧାନ ଅନୁଯାୟୀ କି ନାହିଁ ତାହା ସ୍ଥିର କରିବା। ଏହା ପ୍ରକୃତରେ ଆମେରିକୀୟ ସମ୍ବିଧାନର ଗଠନ। ପ୍ରକୃତରେ, ଡୋନାଲ୍ଡ ଟ୍ରମ୍ପ ଏହି ପ୍ରକ୍ରିୟାକୁ ଭାଙ୍ଗି ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିଥିଲେ, ଯାହା ଆମେରିକୀୟ ସମ୍ବିଧାନ ବିରୁଦ୍ଧରେ।

ଏହା ସୁପ୍ରିମକୋର୍ଟଙ୍କ ବିବୃତିରୁ ସ୍ପଷ୍ଟ। ଏହି ନିଷ୍ପତ୍ତିର ପ୍ରଥମ ପ୍ରମୁଖ ପ୍ରଭାବ ବିଶ୍ୱ ବାଣିଜ୍ୟ ପରିବେଶ ଉପରେ ପଡ଼ିବ। ଗତ କିଛି ବର୍ଷ ଧରି, ଆମେରିକା ଏବଂ ଏହାର ସହଯୋଗୀ ଦେଶମାନଙ୍କ ମଧ୍ୟରେ ଏକ ବାଣିଜ୍ୟ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଟ୍ରମ୍ପଙ୍କ ଶୁଳ୍କ ୟୁରୋପ, ଏସିଆ ଏବଂ ଲାଟିନ୍ ଆମେରିକାର ଦେଶଗୁଡ଼ିକୁ ପ୍ରଭାବିତ କରିଥିଲା। ବର୍ତ୍ତମାନ ସୁପ୍ରିମକୋର୍ଟ ଏହି ଶୁଳ୍କଗୁଡ଼ିକୁ ଅବୈଧ ଘୋଷଣା କରିଥିବାରୁ, ଏହା ବିଶ୍ୱ ବାଣିଜ୍ୟ ସଂଗଠନର ମନୋଭାବକୁ ଦୃଢ଼ କରେ, ଯାହା ମୁକ୍ତ ଏବଂ ନିରପେକ୍ଷ ବାଣିଜ୍ୟକୁ ପ୍ରାଥମିକତା ଦିଏ। ଏହା ଛୋଟ ଆମେରିକୀୟ ବ୍ୟବସାୟଗୁଡ଼ିକୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିବ, କାରଣ ଆମଦାନୀ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ଏବଂ ପ୍ରତିଯୋଗିତା ବୃଦ୍ଧି ପାଇବ।

ଏହି ନିଷ୍ପତ୍ତି ଭାରତ ପାଇଁ ବିଶେଷ ଗୁରୁତ୍ୱ ରଖେ। ଟ୍ରମ୍ପ ପ୍ରଶାସନ ପୂର୍ବରୁ ଭାରତ ଉପରେ ୫୦ % ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଥିଲା, ଯାହାକୁ ବର୍ତ୍ତମାନ ୧୮% ହ୍ରାସ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ହୋଇଥିଲା ଯାହା ଅଧୀନରେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଶୂନ୍ୟ ଶୁଳ୍କ ଲାଗୁ କରିବାକୁ ରାଜି ହୋଇଥିଲା। ତଥାପି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ପରିସ୍ଥିତି ପରିବର୍ତ୍ତନ ହୋଇଛି। ଭାରତର ପ୍ରାୟ ୫୫% ରପ୍ତାନି ଏବେ ୧୮ % ଶୁଳ୍କରୁ ମୁକ୍ତ ହେବ, ଯାହା ଭାରତୀୟ ଶିଳ୍ପଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ। କିନ୍ତୁ ହ୍ୱାଇଟ ହାଉସର ଏକ ବିଜ୍ଞପ୍ତିରୁ ଜଣାପଡିଛି ଯେ ୧୮% ଶୁଳ୍କରୁ ଅସ୍ଥାୟୀ ଭାବେ ଏହାକୁ ୧୦% କରାଯାଇପାରେ । ତଥାପି, କୋର୍ଟଙ୍କ ନିଷ୍ପତ୍ତି ପରେ ମଧ୍ୟ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଭାରତକୁ ୧୮ % ଶୁଳ୍କ ଦେବାକୁ ପଡିବ ଏବଂ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ବଳବତ୍ତର ରହିବ। ଏହାର ଅର୍ଥ ହେଉଛି ଯେ କୋର୍ଟଙ୍କ ନିଷ୍ପତ୍ତି ବ୍ୟାପକ 'ବିଶ୍ୱ ଶୁଳ୍କ' ପାଇଁ ପ୍ରଯୁଜ୍ୟ ହେଲେ, ଟ୍ରମ୍ପ ପ୍ରଶାସନ ଏବେ ବି ଭାରତ ଏବଂ ଆମେରିକା ମଧ୍ୟରେ ନିର୍ଦ୍ଦିଷ୍ଟ ଚୁକ୍ତିନାମାକୁ ବଳବତ୍ତର ରଖିବାକୁ ଚାହୁଁଛି। ଏହା ଏକ ଆକର୍ଷଣୀୟ ପରିସ୍ଥିତି ଉପସ୍ଥାପନ କରେ। କୋର୍ଟ ରାଷ୍ଟ୍ରପତିଙ୍କ କ୍ଷମତାକୁ ସୀମିତ କରିଛନ୍ତି, କିନ୍ତୁ କାର୍ଯ୍ୟନିର୍ବାହୀ ଏବଂ ନ୍ୟାୟପାଳିକା ମଧ୍ୟରେ ଦ୍ୱନ୍ଦ୍ୱର ସମ୍ଭାବନା ରହିଛି। ଯଦି ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଶୁଳ୍କ ବଜାୟ ରଖେ, ତେବେ ଭାରତ ପାଖରେ ଦୁଇଟି ବିକଳ୍ପ ରହିବ - ଚୁକ୍ତିନାମା ପୁନଃ ଆଲୋଚନା କରିବା କିମ୍ବାଡ ବ୍ଲ୍ୟୁଟିଓ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଫୋରମରେ ଆମେରିକା ବିରୋଧରେ ଆବେଦନ କରିବା। ଏହା ଭାରତ ପାଇଁ ମଧ୍ୟ ଏକ ସୁଯୋଗ। ଶୁଳ୍କ ହଟାଇବା ଦ୍ୱାରା ଭାରତୀୟ ରପ୍ତାନିକାରୀମାନେ ଆମେରିକା ବଜାରରେ ଏକ ପ୍ରତିଯୋଗିତାମୂଳକ ସୁବିଧା ପାଇବେ। ଭାରତ ବିଶେଷକରି ବୟନଶିଳ୍ପ, ଔଷଧ ଏବଂ ଆଇଟି ସେବା ଭଳି କ୍ଷେତ୍ରଗୁଡ଼ିକରେ ଲାଭବାନ ହେବ। ସେହି ସମୟରେ, ଆମେରିକୀୟ କମ୍ପାନୀଗୁଡ଼ିକୁ ଭାରତରେ ନିବେଶ କରିବାକୁ ଉତ୍ସାହିତ କରାଯିବ, କାରଣ ବ୍ୟାବସାୟିକ ପରିବେଶ ଅଧିକ ସ୍ଥିର ଏବଂ ସ୍ୱଚ୍ଛ ହେବ। ବିଶ୍ୱ ସ୍ତରରେ, ଏହି ନିଷ୍ପତ୍ତି ନ୍ୟାୟପାଳିକା କିପରି କାର୍ଯ୍ୟନିର୍ବାହୀଙ୍କ କ୍ଷମତା ଯାଞ୍ଚ କରିପାରିବ ତାହାର ଏକ ଉଦାହରଣ ସ୍ଥାପନ କରେ। ଏହା ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଶକ୍ତିକୁ ସୂଚିତ କରେ। ଏହା ବାଣିଜ୍ୟ ଅସନ୍ତୁଳନ ସହିତ ଜଡ଼ିତ ଦେଶଗୁଡ଼ିକ ପାଇଁ ମଧ୍ୟ ଏକ ପ୍ରେରଣା।

ଶେଷରେ, ଏହି ନିଷ୍ପତ୍ତି ଭାରତ-ଆମେରିକା ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଖୋଲିପାରେ। ଯଦି ଭାରତ ଏହି ସୁଯୋଗକୁ ବୁଦ୍ଧିମାନ ଭାବରେ ବ୍ୟବହାର କରେ, ତେବେ ଏହା କେବଳ ଆମେରିକା ବଜାରରେ ନିଜର ସ୍ଥିତିକୁ ମଜବୁତ କରିପାରିବ ନାହିଁ ବରଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ମଧ୍ୟ ହୋଇପାରିବ। ମଧ୍ୟବର୍ତ୍ତୀକାଳୀନ ଚୁକ୍ତିର ପୁନଃଆଲୋଚନା ସମ୍ଭବ, କାରଣ କୋର୍ଟଙ୍କ ନିଷ୍ପତ୍ତି ଭାରତକୁ ନୈତିକ ଏବଂ ଆଇନଗତ ଭିତ୍ତିଭୂମି ପ୍ରଦାନ କରେ।

ତେଣୁ, ଆମେରିକା ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି କେବଳ ଟ୍ରମ୍ପ ପ୍ରଶାସନ ପାଇଁ ଏକ ପରାଜୟ ନୁହେଁ, ବରଂ ବିଶ୍ୱ ବାଣିଜ୍ୟ ସନ୍ତୁଳନ ପାଇଁ ଏକ ଐତିହାସିକ ମୋଡ଼। ଭାରତ ପାଇଁ, ଏହା ଆଶ୍ୱସ୍ତି ଏବଂ ସୁଯୋଗ ଉଭୟ ଆଣିଥାଏ, ଏବଂ ଆଗାମୀ ମାସଗୁଡ଼ିକରେ ଦେଖିବାକୁ ବାକି ଅଛି ଯେ ନୂଆଦିଲ୍ଲୀ ଏହି ପରିସ୍ଥିତିକୁ କିପରି ବ୍ୟବହାର କରେ। ୟୁରୋପୀୟ ଦେଶମାନେ ଆମେରିକାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି, ଯାହା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟାପକ 'ବିଶ୍ୱବ୍ୟାପୀ ଶୁଳ୍କ'କୁ ଅସାମ୍ବିଧାନିକ ଘୋଷଣା କରିଛି। ୟୁରୋପୀୟ ସଂଘ , ବ୍ରିଟେନ ଏବଂ କାନାଡାର ନେତା ଏବଂ ବ୍ୟବସାୟିକ ସଂଗଠନ ଏହାକୁ ଏକ ସକାରାତ୍ମକ ପଦକ୍ଷେପ ଭାବରେ ସ୍ୱାଗତ କରିଛନ୍ତି, କାରଣ ଏହା ଅନ୍ତର୍ଜାତୀୟ ବାଣିଜ୍ୟ ଉତ୍ତେଜନାକୁ କମ୍ କରିବାର ସମ୍ଭାବନା ପ୍ରଦାନ କରେ। ତଥାପି, ସେମାନଙ୍କର ପ୍ରତିକ୍ରିୟା ସମ୍ପୂର୍ଣ୍ଣ ଉତ୍ସବମୁଖୀ ହୋଇନାହିଁ। ୟୁରୋପୀୟ ବ୍ୟବସାୟିକ ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଟ୍ରମ୍ପ ପ୍ରଶାସନ ପାଖରେ ଏପର୍ଯ୍ୟନ୍ତ ଅନ୍ୟାନ୍ୟ ଆଇନଗତ ବିକଳ୍ପ ଉପଲବ୍ଧ ଅଛି, ଯାହା ମାଧ୍ୟମରେ ଏହା ଆମଦାନି ଶୁଳ୍କ ଲାଗୁ କରିବାକୁ ଚେଷ୍ଟା କରିପାରିବ।

ତେଣୁ, ୟୁରୋପ ଏହି ନିଷ୍ପତ୍ତିକୁ 'ସତର୍କ ପ୍ରତିକାର' ଭାବରେ ଦେଖୁଛି - ଏହା ଏକ ସଙ୍କେତ ଯେ ବ୍ୟାବସାୟିକ ପରିବେଶରେ ଉନ୍ନତି ହେଉଥିବ, କିନ୍ତୁ ଅନିଶ୍ଚିତତା ରହିଛି। କାନାଡିଆନ ଏବଂ ୟୁରୋପୀୟ ନେତାମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ଏବଂ ଡବ୍ଲ୍ୟୁଟିଓ ନିୟମକୁ ସୁଦୃଢ଼ କରେ। ଏହି ସମୟରେ, ୟୁରୋପୀୟ ବ୍ୟବସାୟଗୁଡ଼ିକ ଆଶା ପ୍ରକାଶ କରିଛନ୍ତି ଯେ ଏହି ନିଷ୍ପତ୍ତି ଆମେରିକା-ୟୁରୋପୀୟ ବାଣିଜ୍ୟ ସମ୍ପର୍କକୁ ସ୍ଥିର କରିବ ଏବଂ ୟୁରୋପୀୟ ରପ୍ତାନିକାରୀମାନଙ୍କୁ ଆମେରିକା ବଜାରରେ ଅଧିକ ସୁଯୋଗ ପ୍ରଦାନ କରିବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ଯୁବକଙ୍କୁ ପ୍ରେମିକାର ହତ୍ୟା ସନ୍ଦେହ

ଭାପୁର,୨୧।୨ (ନିପ୍ର); ଫତେଗଡ଼ ଥାନା ପଦ୍ମାବତି ପଂଚାୟତ ଝଗଡ଼ପଡା ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ବଡ଼ପୁଅ ବିବୁନା ପ୍ରଧାନ (୨୮)ବାଙ୍ଗାଲୋରରେ ଗତ ୬ମାସ ହେଲା ସଫ୍ଟ ଇଞ୍ଜିନିୟର କୋର୍ସ କରୁଥିଲେ। ପ୍ରଫୁଲ୍ଲ ପ୍ରଧାନଙ୍କ ପରିବାର ଭୁବନେଶ୍ୱରର ଓ୍ଵଲ୍ଡଟାଉନରେ ରହୁଥିବା ବେଳେ ବିବୁନା କିଛିଦିନ ହେଲା ଭୁବନେଶ୍ୱର ଆସିଥିଲେ। ସେ ଦଶପଲ୍ଲା ବ୍ଲକ ସାତପାଟଣା ଗ୍ରାମର ବର୍ଷାରାଣୀ ସାହୁ(୨୫)ଙ୍କ ସହିତ ଗତ ୪ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଆସିଥିଲା ଏବଂ ଲୁଚାଛପାରେ କୋର୍ଟ ମ୍ୟାରେଜ କରିଥିଲେ। କୋର୍ଟ ମ୍ୟାରେଜ ପରେ ଗତ ୬ମାସ ହେଲା ବିବୁନାଙ୍କୁ ବର୍ଷା ନିର୍ଯାତନା ଦେବା ସହିତ ଶୀଘ୍ର ସାମାଜିକ ରୀତିନୀତି ଅନୁଯାୟୀ ବିବାହ କରିବା ପାଇଁ ଜିଦି ଧରିଥିଲା।ଚାକିରୀ ନ କରିବା ପର୍ଯ୍ୟନ୍ତ ବିବାହ କରିବେ ନାହିଁ ବୋଲି ବିବୁନା ରୋକଠୋକ ଜଣେଇଦେବାରୁ ଝିଅ କୋର୍ଟରେ ଛାଡ଼ପତ୍ର ଦେବାକୁ ବାଧ କରିଥିଲା।କାରଣ,ଏହି ସମୟ ମଧ୍ୟରେ ବର୍ଷା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ଅନ୍ୟ ଏକ ପୁଅ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା।ପ୍ରେମ ଘଟଣା କୁ ନେଇ ପୁଅ ଓ ଝିଅଙ୍କ ମଧ୍ୟରେ ଗୁରୁବାର ଦିନ ପାଟିତୁଣ୍ଡ ହେବାପରେ ସମାଧାନ ପାଇଁ ସେହିଦିନ ରାତ୍ରିରେ ଭୁବନେଶ୍ୱର ଡି.ଏ.ଭି. ସ୍କୁଲ ସାମନା ଏକ ହୋଟେଲରେ ଏକାଠି ରାତ୍ରୀଯାପନ କରିଥିଲେ । ମାତ୍ର ରାତ୍ରୀ ୩ ଟା ସମୟରେ ପୁଅ ଘରକୁ ଏକ ଫୋନ କଲ ଆସିଥିଲା ଯେ,ତୁମ ପୁଅ ଉପରୋକ୍ତ ହୋଟେଲରେ ବେହୋସ ଅବସ୍ଥାରେ ପଡିଛି।ପରିବାର ପକ୍ଷରୁ ହୋଟେଲ କୁ ଆସିବା ପରେ ଦେଖିଲେ ଝିଅ ଉପସ୍ଥିତି ରେ ବୁବୁନା ହୋଟେଲରେ ମୃତ ଅବସ୍ଥାରେ ପଡିଛି।ଏହି ଘଟଣା କୁ ନେଇ ପୁଅ ଘର ପରିବାର ଝିଅ ଏବଂ ତାର ଦ୍ୱିତୀୟ ପ୍ରେମିକ ମିଶି ମାରିଥିବା ନେଇ ସନ୍ଦେହ କରିଥିବାବେଳେ ନିକଟସ୍ଥ ଥାନା ତଦନ୍ତ ଚଳେଇଥିବା ଜଣାପଡିଛି।

## ଦାମନଯୋଡି ଥାନାର ନୂଆ ଅଧିକାରୀଙ୍କ ଯୋଗଦାନ

ଦାମନଯୋଡି, ୨୧/୨(ନିପ୍ର): ଶିଳ୍ପାଞ୍ଚଳ ଦାମନଯୋଡି ଆଦର୍ଶ ଥାନାରେ ୨୦୧୦ ବ୍ୟାଚର ପରମାନନ୍ଦ ସୁନାନୀ ନୂଆ ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବତନ ଅଧିକାରୀଣୀ ପ୍ରମିଳା ବିଡ଼ିକା ସଦର ମହକୁମାକୁ ସ୍ଥାନାନ୍ତର ହେବା ପରେ ତାଙ୍କ ସ୍ଥାନରେ ଶ୍ରୀ ସୁନାନୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ମିଡିଆ ହାଉସ ଦାମନଯୋଡିର ସଭାପତି ନରସିଂହ ବ୍ରହ୍ମାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର, ଉପ ସଭାପତି ସୁଦର୍ଶନ ସେନାପତି, ସଂଗଠନ ସମ୍ପାଦକ ଅରୁଣ କୁମାର ଓଝା, ଉପଦେଷ୍ଟା ପିତାମ୍ବର ସାହୁ, ସଦସ୍ୟ ଅଶୋକ କୁମାର ମହାନ୍ତି, ନଳିନୀକାନ୍ତ ସେନାପତି, ରବୀନ୍ଦ୍ର କୁମାର ସାଉ, ଶୁଭେଚ୍ଛୁ ସନ୍ତୋଷ ନାୟକ, ତେଜେଶ୍ୱର ପାତ୍ର ପ୍ରମୁଖ ନୂତନ ଅଧିକାରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ । ଏଥି ପୂର୍ବରୁ ସେ କୋଟପାଡ଼ ଥାନା ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ । ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ,



ଟ୍ରାଫିକ ବ୍ୟବସ୍ଥା ଆଦିକୁ ବିଶେଷ ଦୃଷ୍ଟି ଦିଆଯିବ ବୋଲି ଶ୍ରୀ ସୁନାନୀ କହିଥିଲେ । ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରୀ ସୁନାନୀଙ୍କୁ ସ୍ୱାଗତ କରାଯାଉଛି।

## ନାଲକୋ ଖଣି କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

ଦାମନଯୋଡି, ୨୧/୨(ନିପ୍ର): କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିଠାରେ ଅବସ୍ଥିତ ନାଲକୋ ଖଣି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଗଠିତ 'ନାଲକୋ ମାଇନ୍ସ କର୍ମଚାରୀ ସଂଘ'ର ନୂତନ କର୍ମକର୍ତ୍ତା ଚୟନ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେକ୍ଟର -୧ ସ୍ଥିତ ଏକତା ଭବନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ଖଣି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଇଂ ପୁରୁଷୋତ୍ତମ ମହାନ୍ତ, ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ , ଖଣି ବିଭାଗ ମହାପ୍ରବନ୍ଧକ ଅଜୟ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ । ସନ୍ତୋଷ କୁମାର ଜେନା ସଭାପତି ଓ ମୃତ୍ୟୁଞ୍ଜୟ ଦାଶ ସାଧାରଣ ସମ୍ପାଦକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ । କମ୍ପାନୀର ଉତ୍ପାଦନ ଓ କର୍ମଚାରୀ ମାନଙ୍କ ସ୍ୱାର୍ଥକୁ ନେଇ ସଂଘ ସମାନ୍ତରାଳ ଭାବେ କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ଜେନା ନିଜ ବକ୍ତବ୍ୟରେ କହିଥିବା ବେଳେ ପାରିପାର୍ଶ୍ୱିକ ଉନ୍ନୟନ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାଶ କହିଥିଲେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସଂଘର ପୂର୍ବତନ ସଭାପତି/ସମ୍ପାଦକଙ୍କ ସମେତ କର୍ମଚାରୀ ସଂଘ , ଅଧିକାରୀ ସଂଘ , ଠିକା ଶ୍ରମିକ ସଙ୍ଘର ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୧।୨ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିସରରୁ ଦକ୍ଷିଣେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପରିବେଶ ସୁରକ୍ଷାର ନାରା ଦେଇ ପରିକ୍ରମା କରିଥିଲେ । ପ୍ରତିବର୍ଷ ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ ନିଆଁ ଲାଗିବାର କାରଣ ଏବଂ ପ୍ରତିକାର ସମ୍ପର୍କରେ ସଚେତନ କରିଥିଲେ। ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ବଳରାମ ସାହୁ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ ସମେତ ବନାଞ୍ଚଳର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଲୋକକଳା ଦାସ କାଠିଆ ମାଧ୍ୟମରେ ଜଙ୍ଗଲ ନିଆଁ ନିରାକରଣ ଦିଗରେ ସଚେତନତା କରାଯାଇଥିଲା ।

## ନାଗାବଳୀ ନଦୀ ଜଳ ବିଷାକ୍ତ ଯୋଗୁଁ ମାଳମାଳ ମଲା ମାଛ

ରାୟଗଡ଼ା,୨୧।୨(ନିପ୍ର);ନାଗାବଳୀ ନଦୀ ଜଳ ବିଷାକ୍ତ ଯୋଗୁଁ ମାଳମାଳ ମଲା ମାଛ ସଂଗ୍ରହରେ ବ୍ୟସ୍ତ ଗ୍ରାମବାସୀ। ରାୟଗଡ଼ା ସହର ପାର୍ଶ୍ୱରେ ବୋହି ଯାଉଥିବା ନାଗାବଳୀ ନଦୀ ଜଳ ବିଷାକ୍ତ ହୋଇଯାଇଥିବା ଅନୁମାନ କରାଯାଉଛି। ମଲା ମାଛ ଗୁଡ଼ିକ ନଦୀ ଜଳରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ, ନଈ କୂଳିଆ ଗ୍ରାମବାସୀ ମାଛ ଗୁଡ଼ିକ ନେଇ ଖାଇବାରେ ଲାଗିଛନ୍ତି। କିଛିଦିନ ପୂର୍ବରୁ ପିତାମହଲ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଉକ୍ତ ନାଗାବଳୀ ନଦୀର ପାଣି ପିଇ ଏକାଧିକ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିବା ଲୋକଲୋଚନକୁ ଆସିଥିଲା। ହେଲେ କିଛି ଦୁର୍ବୃତ୍ତ ମାଛ ମାରିବା ପାଇଁ ବିଷ ପକାଇଥିବା, କାଣ୍ଡ ଘଟାଇଥିବା ଗାଁ ଲୋକେ ଅଭିଯୋଗ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ଋତୁ



ଆରମ୍ଭ ହେବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ନଦୀରେ ବିଷ ପକାଉଥିବା ଶୁଣିବାକୁ ମିଳିଛି। ଏହି ଖରାଦିନରେ ନଦୀଜଳ ସ୍ତର ହ୍ରାସ ପାଇଆସୁଥିବା ବେଳେ ଏହି ସମୟରେ ଦୁର୍ବୃତ୍ତମାନେ ମାଛ ଧରିବା ପାଇଁ ଗଭିର ସ୍ଥାନରେ ବିଷ ପକାଇଥିବା ଜଣାପଡିଛି। ନଦୀର ଉପର ମୁଣ୍ଡରେ ଥିବା ଜଗନ୍ନାଥପୁର, ଗୁରୁରାଜୁଡା ନିକଟରେ କେହି ନଦୀରେ ବିଷ ପକାଇଥିବାରୁ ମାଛ ମରି ଯାଇ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ରାଜପୁର, ଗୋସେଇଁଖନଡୁଆ , ଉମରବାଲି ଅଞ୍ଚଳରେ ନଦୀକୂଳିଆ ଗ୍ରାମବାସୀମାନେ ଏହି ଭାସୁଥିବା ମାଛ ସଂଗ୍ରହ କରି ନେଇଥିବା ଜଣା ପଡ଼ିଛି।ରାୟଗଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହେତୁ ଜିଲ୍ଲାର ବାସିନ୍ଦା ସେତେଟା ସଚେତନ ନୁହନ୍ତି। ମଲାମାଛ ଶରୀର ପାଇଁ ହାନିକାରକ ତେଣୁ ଏହା ଶରୀର ପାଇଁ କ୍ଷତିକାରକ ବୋଲି ଡ଼କ୍ଟର ମହାରଣା କହଛନ୍ତି। ଖରା ଦିନେ ନଦୀ ଜଳ କମିକମି ଯାଉଥିବା ବେଳେ ପକ୍ଷୀମାନେ ନଦୀକୂଳକୁ ଆସୁନଥିବା ଲକ୍ଷ୍ୟ କରାଯାଉଛି।

# ଛେଲିଆଡୁଙ୍ଗୁରି ତଳେ କ୍ରସର ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୫ ଗାଁର ଲୋକେ

ବଲାଙ୍ଗିର,୨୧।୨ (ନିପ୍ର); ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ତହସିଲ ପଥର୍ଲା ପଞ୍ଚାୟତ ତଳଗଜ ଛେଲିଆ ଡୁଙ୍ଗୁରି ତଳେ ବେଆଇନ ଭାବେ କ୍ରସର ସ୍ଥାପନ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ସୋନପୁର ଜିଲା ଉଲୁଣ୍ଡା ବ୍ଲକ ଭଜବଲପୁର ଗାଁର ଜନୈକ କ୍ରସର ସ୍ଥାପନ ପାଇଁ ନିକଟସ୍ଥ ୩ ଏକରରୁ ଅଧିକ ଗୋଚର ଜମି ଜବରଦଖଲ କରିଥିବା ପଥର୍ଲା ପଞ୍ଚାୟତ ତଳଗଜ, କୁନ୍ଦେଇଗଡ଼ ଓ ସୁବର୍ଣ୍ଣପୁର ଜିଲା ତରଭା ତହସିଲ କମସରା ପଞ୍ଚାୟତ କମସରା, ମହୁଲପାଲି ଓ କେନ୍ଦୁପାଲି ଗାଁର ଚାଷୀ ବଲାଙ୍ଗିର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହା ସହ ଡୁଙ୍ଗୁରିରୁ ବର୍ଷା ଦିନେ ପ୍ରବାହିତ ହେଉଥିବା ପାଣି ନାଳକୁ ରାସ୍ତା ଦର୍ଶାଇ ଅନୁମତି ପାଇଁ ସେ ଆବେଦନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରକାଶ ଯେ, ପୁଇଁନ୍ତଲା ତହସିଲ ତଳଗଜ ମୌଜାର ଖାତା ନଂ. ୧୦୨/୧୧୨ର ପ୍ଲଟ ନଂ. ୧୦୭୧ ୧୦୭୨ ୧୦୭୩ ୧୦୭୩/୧୦୪୪, ୧୦୭୧/୧୨୮୪ ଓ ୧୦୭୩/୧୨୮୫, ସମୁଦାୟ ୫ ଏକର ୬୫ ଡେସିମିଲ ଜମି ତାଙ୍କ ନାମରେ ରହିଛି । ଏହି ଜମିରେ କ୍ରସର ସ୍ଥାପନ ପାଇଁ ଗତ ୨୦୨୩-୨୪ରେ ସମ୍ପୃକ୍ତ ବ୍ୟକ୍ତି ଜମିକୁ ଘରବାରି କିସମରେ ପରିବର୍ତ୍ତନ କରାଇଛନ୍ତି । ଜମିକୁ ଲାଗି ରହିଥିବା ୩ଏକରରୁ ଅଧିକ ପରିମାଣର ଗୋଚର ଜମି ସମ୍ପୃକ୍ତ ବ୍ୟକ୍ତି ଜବରଦଖଲ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ପୂର୍ବରୁ ତଳଗଜ ପଞ୍ଚାୟତ ବଡ଼ବୁରକାବାହାଳ ଓ ବରଣ୍ଡାବାହାଲରେ କ୍ରସର ୟୁନିଟ ରହିଥିବାରୁ ପଥର



ଖାଦାନରେ ବିସ୍ଫୋରଣ ସହ କ୍ରସରରୁ ବାହାରୁଥିବା ଗୁଣ୍ଡରେ ନିକଟସ୍ଥ ଘର କାନ୍ଥ ଫାଟି ଯାଉଥିବା ବେଳେ ଚାଷଜମି କ୍ଷତିଗ୍ରସ୍ତ ହେଉଛି । ତଳଗଜ ଛେଲିଆଡୁଙ୍ଗୁରି ତଳେ ପ୍ରସ୍ତାବିତ କ୍ରସର ସ୍ଥାପନକୁ ଗ୍ରାମବାସୀ ପୂର୍ବରୁ ବିରୋଧ କରି ଆସୁଛନ୍ତି । ଶତାଧିକ ଗ୍ରାମବାସୀ ଗତ ୨୦୨୪ ଡିସେମ୍ବର ୧୬ରେ ପୁଇଁନ୍ତଲା ତହସିଲଦାର, ବଲାଙ୍ଗିର ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସାଂସଦ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରସ୍ତାବିତ କ୍ରସର ନିର୍ମାଣ ପାଇଁ ମାଲିକ ପାହାଡ଼ ମାଟି ଆଣି ପାହାଡ଼ ଉଚ୍ଚରେ ଗଦା କରିଥିବା ବେଳେ ପ୍ରଶାସନ ପକ୍ଷରୁ କ୍ରସର ବନ୍ଦ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ମାଝୀଙ୍କ ନେତୃତ୍ୱରେ ତଳଗଜ ଗ୍ରାମର ରଙ୍କ ମାଝୀ, ବିଶ୍ୱାମିତ୍ର ବଘାର, ସନ୍ତୋଷ କର୍ମୀ, ସୁବାସ ପଧାନ, କୁନ୍ଦେଇଗଡ଼ର ପ୍ରଫୁଲ୍ଲ ପଧାନ, ସୁଦାମ ପାତ୍ର, ପଥର୍ଲାର ଚକ୍ରଧର ନାଏକ, ତରଭା ତହସିଲ କମସରା ପଞ୍ଚାୟତ କମସରା ଗାଁର ସୁରେନ୍ଦ୍ର ସାହୁ, ସୁମନ ସାହୁ, ରମେଶ ସାହୁ, ଦୁର୍ଯ୍ୟୋଧନ ବନଛୋର, ରାଜିନ୍ଦ୍ର ସାହୁ, ମହୁଲପାଲିର ରୋହିତ କୁଅଁର, ପିଙ୍କୁ କୁଅଁର, କପୁରଚନ୍ ଭୁଏ, ଲେମ୍ବୁପାଲିର ସରୋଜ ସାହୁ, ଦିଲୀପ ସାହୁ, ଗୋପାଳ ସାହୁ, ଜିତେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ,ଟିକେଲାଲ ସାହୁ ପ୍ରମୁଖ କ୍ରସର ବନ୍ଦ ପାଇଁ ବଲାଙ୍ଗିର ଉପଜିଲାପାଳ ଆଲୋକ ପଟେଲଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲାପାଳ, ପୁଇଁନ୍ତଲା ତହସିଲଦାର, ଜିଲା ଖଣି ଅଧିକାରୀ, ପୁଇଁନ୍ତଲା ଥାନା ଅଧିକାରୀ, ଲୋଇସିଂହା ବିଧାୟକଙ୍କ ସହ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କୁ ଅଭିଯୋଗର ନକଲ ପ୍ରଦାନ କରିଛନ୍ତି । ଉପଜିଲାପାଳ ଶ୍ରୀ ପଟେଲ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ସହ ଗୋଚର ଜମି ଜବରଦଖଲ ସହ ପ୍ରାକୃତିକ ଜଳସ୍ରୋତ ରାସ୍ତା ଜବରଦଖଲ ଅଭିଯୋଗର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହା ସହ ପ୍ରଦୂଷଣ ବୃଦ୍ଧି ପାଇବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଏ ନେଇ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ସ୍ଥାପନ କରାଯାଉଥିବା କ୍ରସର୍ ପ୍ରଶାସନ ପକ୍ଷରୁ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏନେଇ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପାଇଁ ପୁଇଁତଲା ତହସିଲଦାର ଓ ବଲାଙ୍ଗିର ମାଇନିଂ ଅଫିସରଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି ।

## ରବି ଫସଲ ଚାଷୀଙ୍କ ପାଇଁ ଯୋଗାଣ ହେଲା ବିହନ ପଛୁଆ ବର୍ଗ ଇନପୁଟ କିଣିବା ପାଇଁ ଅନିଚ୍ଛୁକ

ଭାପୁର,୨୧।୨ (ନିପ୍ର); ଧାନ ଫସଲ ଉଠିଲା ପରେ ପରବର୍ତ୍ତୀ ଚାଷ କାର୍ଯ୍ୟ କରିବା ପାଇଁ ଭାପୁର ବ୍ଲକର ଚାଷୀପୁଅ ତତ୍ପରତା ପ୍ରକାଶ କରିଛି। ଚଳିତ ବର୍ଷ ଧାନ ଫସଲରୁ ଚାଷୀ ଭଲ ଲାଭଂଶ ଉଠେଇଥିବା ବେଳେ ରବି ଫସଲରୁ କିପରି ଅଧିକ ଫାଇଦା ପାଇପାରିବ ସେଥିନିମନ୍ତେ କି କି ବିହନ ବୁଣି ଉପକୃତ ହୋଇପାରିବେ ଚିନ୍ତାରେ ଚାଷୀ। ଧାନ ଫସଲ ପରେ ଚାଷୀମାନେ ସାଧାରଣତଃ ମୁଗ,ବିରି, କୋଳଥ,ହରଡ଼ ଆଦି ରବି ଜାତୀୟ ଫସଲ ନିଜନିଜ କ୍ଷେତରେ ବୁଣିଥାନ୍ତି। ସେଥିପାଇଁ ରାଜ୍ୟ ସରକାର ଙ୍କ କୃଷି ବିଭାଗ ପୋର୍ଟାଲରେ ଯେଉଁ ଚାଷୀ ପଞ୍ଜିକରଣ କରିଛନ୍ତି ସେମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗେଇ ଦିଆଯାଉଛି।

ଭାପୁର ବ୍ଲକରେ ବିଶେଷକରୀ ଡାଲି ଜାତୀୟ ମୁଗ ଓ ବିରି ଫସଲ ଚାଷୀମାନେ ବୁଣିଥାନ୍ତି କିନ୍ତୁ,ପଛୁଆବର୍ଗର ଚାଷୀମାନେ ପ୍ରଥମେ ଟଙ୍କା ଦେଇ ଇନପୁଟ କିଣିବା ପାଇଁ ଅନିଚ୍ଛୁକ ରହିଥିବାରୁ ସେମାନଙ୍କ ବିହନ ବଳକା ରହିଯାଇଛି।

ଏହି ପରିପ୍ରେକ୍ଷୀରେ,ଭାପୁର ବ୍ଲକରେ ମୁଗ ଜାତୀୟ ବିହନ ୨୮୭୫ ଏକର ଚାଷଜମି ପାଇଁ ଆସିଥିବା ବେଳେ ୨୫୮୭ ଏକର ଚାଷଜମି ପାଇଁ ଚାଷୀ ମାନେ ବିହନ ନେଇଗଲେଣି।ସେହିପରି,ବିରି ଜାତୀୟ ବିହନ ୭୫୦ ଏକର ଚାଷଜମି ପାଇଁ ଆସିଥିବାବେଳେ ୬୭୦ ଏକର ଚାଷଜମି ପାଇଁ ଚାଷୀମାନେ ବିହନ ନେଇଛନ୍ତି ବୋଲି ବ୍ଲକ କୃଷି ଅଧିକାରିଣୀ ମୁକ୍ତିଲିନା ମଲ୍ଲିକା ପ୍ରକାଶ କରିଛନ୍ତି।

## ଇଟାଭାଟିରୁ ୧୪ ନାବାଳକଙ୍କ ସମେତ ୨୯ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର

ଯାଜପୁର,୨୧।୨ (ନିପ୍ର): ବନ୍ଧକ ଶ୍ରମ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଯାଜପୁର ଜିଲ୍ଲା ପ୍ରଶାସନ ବ୍ୟାସନଗର ତହସିଲ ଏବଂ କୋରାଇ ପୋଲିସ ସୀମା ଅନ୍ତର୍ଗତ ବେଣାପୁର ଗ୍ରାମର ଜଗନ୍ନାଥ ଫ୍ଲାଏ ଆସ୍ ଇଟା ଭାଟିରୁ ୧୪ ଜଣ ଶିଶୁଙ୍କ ସମେତ ୨୯ ଜଣ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର କରିଛି। ଶ୍ରମିକମାନଙ୍କ ଠାରୁ ମିଳିଥିବା ଅଭିଯୋଗ ପରେ ଉଦ୍ଧାର କାର୍ଯ୍ୟ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ କରାଯାଇଥିଲା। ଏହି ମିଳିତ ଦଳରେ ବ୍ୟାସନଗର ତହସିଲଦାର, କୋରାଇ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଶିଶୁ ସହାୟତା ୟୁନିଟ ଏବଂ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ। ଏହି ଅଭିଯାନ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଉଦ୍ଧାର ଶ୍ରମିକମାନେ ପଡ଼ୋଶୀ ଜିଲ୍ଲାର ଏବଂ ଏକ ଅତ୍ୟନ୍ତ ଅସୁରକ୍ଷିତ ଆଦିବାସୀ ସମ୍ପ୍ରଦାୟର। ପ୍ରାୟ ଦୁଇ ବର୍ଷ ପୂର୍ବେ ସେମାନଙ୍କୁ ଉତ୍ତମ ମଜୁରୀ ଏବଂ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଇଟା ଭାଟିକୁ ପ୍ରଲୋଭିତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ପ୍ରତ୍ୟେକ ପରିବାରକୁ ୧୦ କିଲୋ ଚାଉଳ ସହିତ ୫୦୦ ରୁ ୧,୦୦୦ ମୂଲ୍ୟର ନାମମାତ୍ର ଅଗ୍ରୀମ ଦିଆଯାଇଥିଲା। କିନ୍ତୁ, ପ୍ରତିଶ୍ରୁତି



ଅନୁଯାୟୀ ମଜୁରୀ ଦିଆଯାଇ ନଥିଲା। ଏହା ବଦଳରେ, ଭାଟି ମାଲିକ କୌଣସି ମଜୁରୀ କିମ୍ବା କାମର ରେକର୍ଡ ନ ରଖି ନିଜ ଦୋକାନ ମାଧ୍ୟମରେ ଅନିୟମିତ ରାସନ ଯୋଗାଇଥିବା ଜଣାପଡ଼ିଛି, ଯାହା ପରିବାର ଗୁଡ଼ିକୁ ନିର୍ଭରଶୀଳତାର ଚକ୍ରରେ ଫସି ରଖିଥିଲା। ଶ୍ରମିକମାନଙ୍କଠାରୁ ସେହି ସ୍ଥାନରେ ଯୋଗାଇ ଦିଆଯାଇଥିବା ଅସ୍ଥାୟୀ ବାସସ୍ଥାନ ପାଇଁ ଭଡା ମଧ୍ୟ ଆଦାୟ କରାଯାଇଥିଲା, ଯାହା ସେମାନଙ୍କର ଋଣଭାରକୁ ଆହୁରି ବୃଦ୍ଧି କରିଥିଲା। ତଦନ୍ତ ସମୟରେ, ଶ୍ରମିକମାନେ କହିଥିଲେ ଯେ ସେମାନଙ୍କୁ ପର୍ବପର୍ବାଣି, ପାରିବାରିକ ଜରୁରୀକାଳୀନ ପରିସ୍ଥିତି କିମ୍ବା ବ୍ୟକ୍ତିଗତ ଆବଶ୍ୟକତା ପାଇଁ ସେମାନଙ୍କ ଜନ୍ମସ୍ଥାନକୁ ଫେରିବାକୁ ଅନୁମତି ଦିଆଗଲା ନାହିଁ। ସେମାନେ ଅଗ୍ରିମ ରାଶି ପରିଶୋଧ କରି ନଥିବା କାରଣରୁ ସେମାନଙ୍କୁ ବିକଳ୍ପ ନିଯୁକ୍ତି ଖୋଜିବାରୁ ମଧ୍ୟ ନିଷେଧ କରାଯାଇଥିଲା।

ପିଲାମାନଙ୍କୁ କମ୍ କିମ୍ବା କୌଣସି ପାରିଶ୍ରମିକ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ବାଧ କରାଯାଇଥିଲା, ଯାହା ଶିଶୁ ଅଧିକାର ଏବଂ ଶ୍ରମ ଆଇନର ଗମ୍ଭୀର ଉଲ୍ଲଂଘନ କରୁଛି।

## ମେଡିକାଲ ରିପ୍ରେଜେଣ୍ଟେଟିଭଙ୍କ ସନ୍ଦେହଜନକ ମୃତ୍ୟୁ : ହତ୍ୟା ସନ୍ଦେହ

ରାଉରକେଲା,୨୧।୨ (ନିପ୍ର); ରାଉରକେଲାର ସିଭିଲ୍ ଟାଉନସିପ୍ ଅଞ୍ଚଳର ଏକ ଭଡା ଘରୁ ଭାଗିରଥି ସାହୁ ନାମକ ଜଣେ ମେଡିକାଲ୍ ରିପ୍ରେଜେଣ୍ଟେଟିଭଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏହା ହତ୍ୟା ଘଟଣା ବୋଲି ସନ୍ଦେହ ସୃଷ୍ଟି କରିବା ସହିତ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରାଥମିକ ସୂଚନା ଅନୁସାରେ ମୃତକଙ୍କୁ ସନ୍ଦେହଜନକ ଅବସ୍ଥାରେ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା, ଯାହା ଫଳରେ ମୃତ ହତ୍ୟା ନା ଦୁର୍ଘଟଣାଜନିତ ଘଟଣା ସେ ବିଷୟରେ ସନ୍ଦେହ ସୃଷ୍ଟି କରୁଛି। ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଭାଗିରଥିଙ୍କ ରୁମରେ ରହୁଥିବା ୨ ଜଣ ରୁମ୍ ମେଟଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା ଜାରି ରଖିଛି। ସୂଚନା ଅନୁଯାୟୀ ଘଟଣା ଘଟିଥିବା ଘରେ ୩ ଜଣ ସାଙ୍ଗ ଭଡାଟିଆ ଭାବରେ ରହୁଥିଲେ। ଘଟଣା ସମୟରେ ଆଉ କେହି ଉପସ୍ଥିତ ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତର ଅଂଶ ସ୍ୱରୂପ ଘର ସହିତ ଜଡିତ ଲୋକଙ୍କୁ ପଚରାଉଚରା ଆରମ୍ଭ କରିଛି। ସୂଚନା ପାଇ ରଘୁନାଥପାଲି ଥାନାର ପୋଲିସ୍ ପକ୍ଷରୁ ଏକ ଦଳ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରି ମୃତ୍ୟୁର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ପୋଷ୍ଟମର୍ଟମ ପାଇଁ ପଠାଇଛି। ଅଧିକାରୀମାନେ ପ୍ରାଥମିକ ତଦନ୍ତ କରି ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିବା ସହିତ ଅଞ୍ଚଳକୁ କିଛି ସମୟ ପାଇଁ ଘେରାବନ୍ଦୀ କରାଯାଇଥିଲା। ବର୍ତ୍ତମାନ ତଦନ୍ତ ଜାରି ରହିଛି ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ରାୟଗଡ଼ା,୨୧।୨ (ନିପ୍ର); ସ୍ଥାନୀୟ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସିଆରସିସି ସଦାନନ୍ଦ ନାୟକ ଯୋଗଦେଇ ମାତୃଭାଷା ଦିବସର ମହତ୍ତ୍ୱ ବିଷୟରେ ଉଦବୋଧନ ରଖିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ନିବନ୍ଧ,



କବିତା ବକ୍ତୃତା ଆଦି ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ସଭିଏଁ ମାତୃଭାଷା ବ୍ୟବହାର ସମ୍ପର୍କରେ ଶପଥପାଠ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡାଙ୍କ ସହ ବାସନ୍ତୀ ମିଶ୍ର, ନୀଳାଞ୍ଚଳ ମିଶ୍ର, ମନୋରମା ସାହୁ, ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# କବାଡିଆ ବ୍ୟବସାୟ ନାଁରେ ଚାଲିଛି ଜିଏସଟି ଠକେଇ

## ପାନ ଦୋକାନୀ ଓ ମୃତ ବ୍ୟକ୍ତିଙ୍କ ନାମରେ ଖୋଲାଯାଇଛି ଫାର୍ମ !

ଧାମନଗର,୨୧।୨ (ନିପ୍ର): ଧାମନଗର ଅଞ୍ଚଳରେ କବାଡିଆ ବ୍ୟବସାୟ ଏବେ କୋଟି କୋଟି ଟଙ୍କାର ଟିକସ ଫାଙ୍କିବାର ମାଧ୍ୟମ ପାଲଟିଛି। ଛତୁ ଫୁଟିବା ଭଳି ଗଳିକନ୍ଦିରେ କବାଡିଆ ଦୋକାନ ଖୋଲିଥିବା ବେଳେ, ଅଧିକାଂଶ କବାଡିଆ ବ୍ୟବସାୟୀ ସରକାରୀ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ଜିଏସଟି ଠକେଇ କରୁଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଅନେକ ସ୍ଥାନରେ ସାଧାରଣ ପାନ ଦୋକାନୀ ଏବଂ ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଜିଏସଟି ଲାଇସେନ୍ସ ହାସଲ କରାଯାଇଛି।ସୂଚନା ଅନୁସାରେ, ଏହି ମାଫିଆମାନେ ଅତି ଚତୁରତାର ସହ ଗରିବ ଓ ଅସହାୟ ଲୋକଙ୍କ ଆଧାର କାର୍ଡ ଓ ପାନ କାର୍ଡ ହାତେଇ ନକଲି ଫାର୍ମ ତିଆରି କରୁଛନ୍ତି। ଫଳରେ କୋଟି କୋଟି ଟଙ୍କାର କାରବାର ହେଉଥିଲେ ମଧ୍ୟ ସରକାରଙ୍କ ଖାତାକୁ ଟିକସ ଯାଉନାହିଁ। ଯେଉଁଠି ଜଣେ ସାଧାରଣ ବ୍ୟବସାୟୀ ସଚୋଟତାର ସହ ଜିଏସଟି ପୈଠ କରୁଛି, ସେଠାରେ ଏହି ମାଫିଆମାନେ 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' ର ଦୁରୁପଯୋଗ କରି ସରକାରଙ୍କ ଆଖିରେ ଧୁଳି ଦେଇ ବେସ ହାତ ଚିକଣ କରୁଚନ୍ତି। ଜିଏସଟି ଆଇନ ଅନୁଯାୟୀ, ଜାଲିଆତି କରି ଟିକସ ଫାଙ୍କିବା ଏକ ସଙ୍ଗୀନ ଅପରାଧ, ଯଦି ଠକେଇ ପରିମାଣ ୫ କୋଟି ଟଙ୍କାରୁ ଅଧିକ ହୁଏ, ତେବେ ଅଭିଯୁକ୍ତଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା ହୋଇପାରେ, ଅନ୍ୟ ଜଣଙ୍କ ନାମରେ ବା ମୃତ ବ୍ୟକ୍ତିଙ୍କ ନାମରେ ଲାଇସେନ୍ସ କରିବା 'ଧାରା ୪୨୦' (ଠକେଇ) ଏବଂ ଜାଲିଆତି ଅନ୍ତର୍ଗତ ଆସେ। ନିୟମ ଅନୁସାରେ, ଜିଏସଟି ଅଧିକାରୀମାନେ ଯେକୌଣସି ସମୟରେ ବ୍ୟବସାୟ ସ୍ଥଳ ପରିଦର୍ଶନ କରି କାଗଜପତ୍ର ଯାଞ୍ଚ କରିପାରିବେ। ଯଦି ଠିକଣା ଭୁଲ୍ ଥାଏ, ତେବେ ତୁରନ୍ତ ଜିଏସଟି ନମ୍ବର ରଦ୍ଦ କରାଯିବାର ନିୟମ ରହିଛି। ମାତ୍ର ମାଲିକ ମାନେ ବିଭାଗୀୟ ଅଧିକାରି ଙ୍କୁ ହାତକରି ଏହି




ବେଆଇନୀ କାମ କରୁଛନ୍ତି।ସ୍ଥାନୀୟ ସଚେତନ ନାଗରିକ ଓ ସଚୋଟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜାଲ ଜିଏସଟି ଲାଇସେନ୍ସଧାରୀଙ୍କ ଯୋଗୁଁ ପ୍ରକୃତ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ଏହି ରାକେଟ ପଛରେ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଓ ବାଣିଜ୍ୟିକ କର ବିଭାଗ ଧାମନଗର ଅଞ୍ଚଳର ଏହି କବାଡିଆ ବ୍ୟବସାୟୀଙ୍କ ଉପରେ କେବେ ଚଢ଼ାଉ କରୁଛନ୍ତି।ସୂଚନା ଥାଉକି ଧାମନଗର ଥାନାର ମାତ୍ର ୨ ଶହ ମିଟର ଦୁରରେ ହବିବିନଗରରେ ପ୍ରାୟ ୨୦ ଟି ବେଆଇନି କବାଡ଼ିଆ ଦୋକାନ ଖୋଲା ଯାଇଥିବା ବେଳେ ମନ୍ଦିର ମସଜିଦ ଓ ରାସ୍ତା କଡରେ କବାଡିଆ ଦୋକାନ ଖୋଲାଯାଇ ଖୋଲମଖୁଲା ଏହି ବେପାର କରାଯାଉଚି। ଧାମନଗର, ଜୟନଗର, ଶ୍ୟାମପୁର, ହବିବିନଗର, ଦୋବଲ, ଖଡ଼ିପଦା, ସେଣ୍ଡପୁର, ଜାହାଙ୍ଗୀର ରୋଡ଼,ଧାମନଗର ଛକ, ଗୁଡପୋଖରୀ, ପନ୍ଦରବାଟିଆ ସମେତ ଗାଁ ଗହଳି ରେ ଏହି ବେପାର କରାଯାଉଚି। ଏ ଦିଗରେ ଚୋରା ବେପାରୀମାନେ କୁହନ୍ତି ଥାନାକୁ ମାସିକ ବଟି ଦେଇ ଆମେ ବେପାର କରୁଚୁ।

ତେବେ ସରକାରଙ୍କ ଆଖିର ଧୂଳି ଦେଇ ବର୍ଷ ବର୍ଷ ଧରି ଏପରି ଟିକସ ଫାଙ୍କି କୋଟିପତି ହେଉଥିବା କଳା ବେପାରୀଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନିକଟରେ ଧାମନଗର ଥାନାକୁ ନୂଆ ଥାନା ଅଧିକାରୀ ଯୋଗ ଦେଇଥିବା ବେଳେ ବେଆଇନି କାବଡିଆ ଦୋକାନୀଙ୍କ ପ୍ରତି କି କାର୍ଯ୍ୟନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକିରହିଲା ।

21 .02.2026.pmd 1 2/21/2026, 3:58 PM

# ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ
## ଆଲର୍ଟରେ ସୁରକ୍ଷା ଏଜେନ୍ସି



ନୂଆଦିଲ୍ଲୀ, ୨୧।୨ : ସୁରକ୍ଷା ଏଜେନ୍ସିଗୁଡ଼ିକ ପୁଣି ଥରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ସତର୍କ ସୂଚନା ଜାରି କରିଛନ୍ତି । ଗୁଇନ୍ଦା ସୂତ୍ରରୁ ସୂଚନା ଦିଆଯାଇଛି ଯେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବାର ସଦସ୍ୟମାନେ ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରକ ଡିଭାଇସ (ଆଇଇଡି) ଆକ୍ରମଣ ଯୋଜନା କରୁଛନ୍ତି । ଚାନ୍ଦନୀ ଚୌକରେ ଥିବା ଏକ ପ୍ରମୁଖ ମନ୍ଦିରକୁ ବିଶେଷ ଭାବରେ ଟାର୍ଗେଟ କରାଯାଇଛି । ଗୁଇନ୍ଦା ସୂତ୍ରରୁ ଏହି ସୂଚନା ମିଳିଛି । ସୂତ୍ରରୁ ସୂଚିତ ହୋଇଛି ଯେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବା ଏକ ଆଇଇଡି ଆକ୍ରମଣ ଯୋଜନା କରୁଛି । ଫେବୃଆରୀ ୬ରେ ପାକିସ୍ତାନର ଇସଲାମାବାଦର ଏକ ମସଜିଦରେ ବିସ୍ଫୋରଣ ପରେ, ସଂଗଠନ ଭାରତରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଥିବା ଜଣାପଡ଼ିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ସୂଚନା ପାଇବା ମାତ୍ରେ, ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଲାଲକିଲ୍ଲା, ଚାନ୍ଦନୀ ଚୌକ ଏବଂ ଆଖପାଖ ଧାର୍ମିକ ସ୍ଥଳରେ ସୁରକ୍ଷା ବୃଦ୍ଧି କରାଯାଇଛି । ଏହି ଅଞ୍ଚଳଗୁଡ଼ିକରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡ଼ିକ ବିଶେଷ ନଜରରେ ରଖାଯାଇଛି । ସନ୍ଦିଗ୍ଧ ବ୍ୟକ୍ତି ଏବଂ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି । ସୁରକ୍ଷା ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଲସ୍କର-ଏ-ତୋଏବାର ଆତଙ୍କବାଦୀମାନେ ଦେଶର ଏକ ପ୍ରମୁଖ ମନ୍ଦିରକୁ ଟାର୍ଗେଟ କରିପାରନ୍ତି । ଦିଲ୍ଲୀର ଚାନ୍ଦନୀ ଚୌକରେ ଥିବା ଏକ ପ୍ରମୁଖ ମନ୍ଦିର ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇପାରେ । ଯେକୌଣସି ସମ୍ଭାବ୍ୟ ଆକ୍ରମଣକୁ ରୋକିବା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି । ସୂଚନାଯୋଗ୍ୟ, ୨୦୨୫ ମସିହା ନଭେମ୍ବର ୧୦ ତାରିଖ ସାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ଅନେକ ଲୋକ ଆହତ ହୋଇଥିଲେ । ଅନେକ ଯାନବାହନ ନଷ୍ଟ ହୋଇଯାଇଥିଲା । ଅନେକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଗୁରୁତର ଆହତ ହୋଇଥିଲେ । ତଦନ୍ତରୁ ଜଣାପଡିଛି ଯେ ବିସ୍ଫୋରଣ ଏକ କାରରେ ହୋଇଥିଲା । ବିସ୍ଫୋରଣ ପୂର୍ବରୁ ଏହି କାରଟି ଲାଲକିଲ୍ଲା ଅଞ୍ଚଳରେ ପ୍ରାୟ ତିନି ଘଣ୍ଟା ଧରି ପାର୍କିଂ କରାଯାଇଥିଲା ।

# ଦେଶରେ ୩୨ ନକଲି ବିଶ୍ୱବିଦ୍ୟାଳୟ
## ତାଲିକା ଜାରି କଲା ୟୁଜିସି, ଶୀର୍ଷରେ ଦିଲ୍ଲୀ




ନୂଆଦିଲ୍ଲୀ, ୨୧।୨ : ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶରେ ଚାଲିଥିବା ନକଲି ବିଶ୍ୱବିଦ୍ୟାଳୟର ଲିଷ୍ଟଜାରି କରିଛି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ବୈଧାନିକ ସ୍ୱୀକୃତି ବିନା ଡିଗ୍ରୀ ପ୍ରଦାନ କରୁଥିଲେ । ଏବେ ୟୁଜିସି ଏହି ୟୁନିଭର୍ସିଟି ଗୁଡିକୁ ଚେତାବନୀ ଜାରି କରିଛି । ଏହା ସହ କହିଛି ନକଲି ଡିଗ୍ରୀରେ ଚାକିରୀ ଓ ଉଚ୍ଚଶିକ୍ଷା ପାଇବା ବେଆଇନ । ଆୟୋଗ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ଡିଗ୍ରୀ ଆଇନଗତ ଭାବରେ ବୈଧ ହେବ ନାହିଁ । ତାଲିକାକୁ ଏହାର ସରକାରୀ ୱେବସାଇଟରେ ପ୍ରକାଶ କରି, ୟୁଜିସି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ନାମ ଲେଖା ପୂର୍ବରୁ ଅନୁଷ୍ଠାନର ମାନ୍ୟତା ଯାଞ୍ଚ କରିବାକୁ ଅନୁରୋଧ କରିଛି ୟୁଜିସି । ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ନକଲି ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇଛି । ୨୦୨୫ରେ ପ୍ରାୟ ୨୨ ଟି ଶିକ୍ଷାନୁଷ୍ଠାନ ତାଲିକାଭୁକ୍ତ ହୋଇଥିଲେ, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ୩୨ କୁ ବୃଦ୍ଧି ପାଇଛି । ଏହା ସୂଚିତ କରେ ଯେ ବେଆଇନ ଡିଗ୍ରୀ ଦେବାର ନେଟୱାର୍କ ଦ୍ରୁତ ଗତିରେ ବଢୁଛି, ଯାହା ବହୁ ସଂଖ୍ୟକ ଛାତ୍ରଙ୍କୁ ବିପଦରେ ପକାଇଛି । ଦିଲ୍ଲୀରେ ସର୍ବାଧିକ ୧୨ଟି ରହିଛି । ଉତ୍ତର ପ୍ରଦେଶରେ ୪ଟି ରହିଛି । ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ୨ଟି ଲେଖାଏଁ ଫେକ୍ ବା ନକଲି ୟୁନିଭର୍ସିଟି ରହିଛି । ସେଭଳି ଅରୁଣାଚଳ ପ୍ରଦେଶ, ହରିୟାଣା, ଝାଡଖଣ୍ଡ ଏବଂ ଅରୁଣାଚଳ ପ୍ରଦେଶରେ ଗୋଟିଏ ଲେଖାଏଁ ନକଲି ବିଶ୍ୱବିଦ୍ୟାଳୟ ରହିଛି । ଶୀର୍ଷରେ ରାଜଧାନୀ ଦିଲ୍ଲୀ ରହିଛି । ଏଠାରେ ମୋଟ ୧୨ସଂସ୍ଥାନକୁ ବେଆଇନ ଘୋଷିତ କରାଯାଇଛି । ଏଥିରେ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଣ୍ଡ ଫିଜିକାଲ୍ ହେଲଥ ସାଇନସେସ୍, କମର୍ସିଆଲ୍ ୟୁନିଭର୍ସିଟି ଲିମିଟେଡ, ୟୁନାଇଟେଡ୍ ନେସନ୍ସ ୟୁନିଭର୍ସିଟି, ଭୋକେସନାଲ୍ ୟୁନିଭର୍ସିଟି, ଏଡିଆର ସେଣ୍ଟ୍ରିକ୍ ଜୁରିଡିକାଲ୍ ୟୁନିଭର୍ସିଟି, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ବିଶ୍ୱକର୍ମା ଓପନ୍ ୟୁନିଭର୍ସିଟି ଫର୍ ସେଲଫ୍-ଏମ୍ପ୍ଲଏମେଣ୍ଟ, ଆଧାତ୍ମିକ ବିଶ୍ୱବିଦ୍ୟାଳୟ, ୱାର୍ଲ୍ଡ ପିସ୍ ଅଫ୍ ୟୁନାଇଟେଡ୍ ନେସନ୍ସ ୟୁନିଭର୍ସିଟି, ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇଞ୍ଜିନିୟରିଂ, ମାଉଣ୍ଟେନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜ, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସଲ୍ୟୁସନ, ୟୁଜିସି ସ୍ପଷ୍ଟ କରିଛି ଏହି ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାପ୍ତ ଡିଗ୍ରୀଗୁଡ଼ିକ ସରକାରୀ ଚାକିରି, ଉଚ୍ଚଶିକ୍ଷାରେ ପ୍ରବେଶ କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବୈଧ ହେବ ନାହିଁ । ଏହାର ଅର୍ଥ ହେଉଛି ଯେ ଏପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ସମୟ ଏବଂ ଟଙ୍କା ଉଭୟ ନଷ୍ଟ ହୋଇପାରେ । ଯେକୌଣସି ବିଶ୍ୱବିଦ୍ୟାଳୟରେ ନାମ ଲେଖା ପୂର୍ବରୁ, ଛାତ୍ରଛାତ୍ରୀମାନେ ୟୁଜିସି ୱେବସାଇଟରେ ଯାଇ ଯାଞ୍ଚ କରିବା ଉଚିତ ଯେ ଅନୁଷ୍ଠାନଟି ଧାରା ୨(ଲ) ଏବଂ ୧୨(ଇ) ଅନୁଯାୟୀ ସ୍ୱୀକୃତିପ୍ରାପ୍ତ କି ନାହିଁ ଏବଂ ଧାରା ୨୨ ଅନୁଯାୟୀ ଡିଗ୍ରୀ ପ୍ରଦାନ କରିବାର ଅଧିକାର ଅଛି କି ନାହିଁ । କେବଳ ୱେବସାଇଟ୍ କିମ୍ବା ଆକର୍ଷଣୀୟ ବିଜ୍ଞାପନ ଉପରେ ଆଧାର କରି ନାମ ଲେଖାନ୍ତୁ ନାହିଁ ।

### ୮୭ତମ ପ୍ରତିଷ୍ଠା ଦିବସ
# ଆଭ୍ୟନ୍ତରୀଣ ସୁରକ୍ଷାର ଆଧାର ସାଜିଛି ସିଆରପିଏଫ୍: ଶାହ



ନୂଆଦିଲ୍ଲୀ, ୨୧।୨(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଆସାମର ଗୌହାଟୀରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସିଆରପିଏଫ)ର ୮୭ତମ ପ୍ରତିଷ୍ଠା ଦିବସ ସମାରୋହରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱ ଶର୍ମା, ସିଆରପିଏଫର ମହାନିର୍ଦ୍ଦେଶକ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ୮୬ ବର୍ଷ ଧରି ସିଆରପିଏଫ୍ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ, ବୀରତ୍ୱ, ଧୈର୍ଯ୍ୟ, ସାହସିକତା ଏବଂ ବଳିଦାନ ଦ୍ୱାରା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିଆସୁଛି । ସେ କହିଥିଲେ ଯେ ସିଆରପିଏଫ ବିନା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର କଳ୍ପନା ମଧ୍ୟ କରାଯାଇପାରିବ ନାହିଁ । ଏହାର ପ୍ରତିଷ୍ଠା ପରଠାରୁ ଆଜି ପର୍ଯ୍ୟନ୍ତ, ୮୬ ବର୍ଷରୁ ଅଧିକ ସମୟ ଧରି, ସିଆରପିଏଫ କର୍ତ୍ତବ୍ୟ ପ୍ରତି ସମର୍ପଣ କାରଣରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ଏକ ଦୃଢ଼ ସ୍ତମ୍ଭ ଭାବେ ଛିଡ଼ା ହୋଇଛି । ଶ୍ରୀ ଶାହ କହିଥିଲେ ଯେ ସିଆରପିଏଫର ୨,୨୭୦ ଜଣ ଯବାନ ଦେଶକୁ ସୁରକ୍ଷିତ ରଖିବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି ଏବଂ ସମଗ୍ର ଦେଶ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ କର୍ତ୍ତବ୍ୟ ପ୍ରତି ଏହି ସମର୍ପଣ ଏବଂ ବଳିଦାନ କାରଣରୁ ହିଁ ସିଆରପିଏଫ ଯବାନମାନେ ଅନେକ ଥର ଦେଶକୁ ସୁରକ୍ଷା ଦେଇଛନ୍ତି । ଶ୍ରୀ ଶାହ କହିଥିଲେ, ୧୧-୧୨ ବର୍ଷ ପୂର୍ବେ ଦେଶରେ ତିନୋଟି ପ୍ରମୁଖ ହଟସ୍ପଟ୍ ଥିଲା-ଜାମ୍ମୁ-କାଶ୍ମୀର, ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ଏବଂ ଉତ୍ତର-ପୂର୍ବ-ଯାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବିପଦ ପାଲଟିଥିଲା । ଆଜି ତିନିଟି ଯାକ ସ୍ଥାନରେ ଶାନ୍ତି ପ୍ରତିଷ୍ଠା କରିବାରେ ସଫଳତା ମିଳିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ତିନୋଟି ହଟସ୍ପଟ୍ ମଧ୍ୟରେ ବୋମା ବିସ୍ଫୋରଣ, ଗୁଳି, ବନ୍ଦ, ଅବରୋଧ ଏବଂ ବିନାଶ ଏକଦା ପ୍ରମୁଖ ଥିଲା, କିନ୍ତୁ ବର୍ତ୍ତମାନ ଏହି ତିନୋଟି ଅଞ୍ଚଳ ବିକାଶର ଇଞ୍ଜିନରେ ପରିଣତ ହୋଇଛି, ଯାହା ସମଗ୍ର ଦେଶର ବିକାଶକୁ ଆଗେଇ ନେଉଛି । ସେ କହିଥିଲେ ଯେ ସିଆରପିଏଫ ଶହୀଦମାନଙ୍କ ବଳିଦାନ ବିନା, ଏହି ତିନୋଟି ହଟସ୍ପଟ୍‌କୁ ବିକାଶ ପଥରେ ଆଣିବା ଅସମ୍ଭବ ହୋଇଥାନ୍ତା । କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଆଜିର ସିଆରପିଏଫ ଦିବସ ପରେଡ ଅନ୍ୟ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ ଯେ ସିଆରପିଏଫର ୮୬ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଉତ୍ତର-ପୂର୍ବରେ, ଆସାମରେ ଏହି ବାହିନୀର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି ।

## କାଶୀରେ ’ଚିତା ଭସ୍ମ’ ହୋଲିକୁ ନେଇ ବଢ଼ିଲା ବିବାଦ

ବାରାଣସୀ, ୨୧।୨ : ଚିତା ଭସ୍ମର ହୋଲିକୁ ନେଇ ବିବାଦ । ବିଶ୍ୱପ୍ରସିଦ୍ଧ କାଶୀର ମହାଶ୍ମଶାନ ମଣିକର୍ଣ୍ଣିକା ଘାଟରେ ଖେଳାଯାଉଥିବା ’ମସାନେ କି ହୋଲି’ ବା ଚିତା ଭସ୍ମର ହୋଲିକୁ ନେଇ ବିବାଦ ଏବେ ତୀବ୍ର ହେବାରେ ଲାଗିଛି । କାଶୀ ବିଦ୍ୱତ ପରିଷଦ ପରେ ଏବେ ଏହି ପ୍ରସଙ୍ଗରେ ’ସନାତନ ରକ୍ଷକ ଦଳ’ ଏଣ୍ଟ୍ରି କରିଛି । ଏହି ହୋଲିକୁ ଏକ ଶତାବ୍ଦୀ ପୁରୁଣା ପରମ୍ପରା ନୁହେଁ, ବରଂ ଟଙ୍କା ଆଦାୟ ପାଇଁ ଏକ ‘ଇଭେଣ୍ଟ‘ ବୋଲି ଦଳ ଅଭିଯୋଗ କରିଛି । ସନାତନ ରକ୍ଷକ ଦଳର ସଭାପତି ଅଜୟ ଶର୍ମା ଦାବି କରିଛନ୍ତି ଯେ, ଏହା କୌଣସି ପ୍ରାଚୀନ ପରମ୍ପରା ନୁହେଁ । ୨୦୧୩ ମସିହାରେ କିଛି ହାତଗଣତି ଲୋକ ଏହି ଚିତା ଭସ୍ମ ହୋଲି ଆରମ୍ଭ କରିଥିଲେ । ସେ କହିଛନ୍ତି, ‘ମୁଁ ନିଜେ ୨୦୧୪ ଏବଂ ୨୦୧୫ରେ ଏହି ଆୟୋଜନ ପାଇଁ ଚାନ୍ଦା ଦେଇଥିଲି । କିନ୍ତୁ, ସାଧୁ ସନ୍ନ୍ୟାସୀଙ୍କୁ ଭୋଗ ଓ ପାନୀୟ ଦେବା ନାମରେ ଚାନ୍ଦା ନିଆଯାଇ ଚିତା ଭସ୍ମରେ ହୋଲି ଖେଳାଗଲା । ଏହା ଶ୍ମଶାନର ମର୍ଯ୍ୟାଦା ହାନି କରୁଛି ।‘ ଅଜୟ ଶର୍ମାଙ୍କ କହିବା ଅନୁସାରେ, ଶ୍ମଶାନ ହେଉଛି ଭଗବାନ ଶିବଙ୍କ ବିଶ୍ରାମ ସ୍ଥଳ । ସେଠାରେ ଏଭଳି ହୋ ହାଲ୍ଲା କିମ୍ବା ଜଶ୍ନ ମନାଇବା ଆଦୌ ଗ୍ରହଣୀୟ ନୁହେଁ । ଏହି ଆୟୋଜନ ଉପରେ ତୁରନ୍ତ ରୋକ ଲାଗିବା ଉଚିତ୍ ବୋଲି ସେ ଦାବି କରିଛନ୍ତି । କାଶୀ ବିଦ୍ୱତ ପରିଷଦ ମଧ୍ୟ ଏହି ହୋଲିକୁ ‘ଅଶାସ୍ତ୍ରୀୟ‘ ବୋଲି କହିଛି । ପରିଷଦର ସଦସ୍ୟ ବିନୟ ପାଣ୍ଡେ କହିଛନ୍ତି ଯେ, ଶାସ୍ତ୍ରରେ ମସାଣିରେ ହୋଲି ଖେଳିବାର କୌଣସି ପରମ୍ପରା ନାହିଁ । ଏହା ମହାଶ୍ମଶାନର ପବିତ୍ରତାକୁ ନଷ୍ଟ କରୁଛି । ଏହି ବିଷୟରେ ପ୍ରଶାସନକୁ ପତ୍ର ଲେଖି ଜଣାଇବାକୁ ପରିଷଦ ନିଷ୍ପତ୍ତି ନେଇଛି ।

## ପୋଖରୀକୁ ଖସି ପଡ଼ିଲା ଭ୍ୟାନ: ଜଣେ ଶିଶୁ ସମେତ ୪ ମୃତ

କାନପୁର, ୨୧।୨ : ଉତ୍ତରପ୍ରଦେଶର କାନପୁର ଦେହାତ୍ ଜିଲ୍ଲାରେ ଏକ ଭ୍ୟାନ୍ ରାସ୍ତାରୁ ଓଲଟି ପୋଖରୀରେ ପଡ଼ି ଯିବାରୁ ଜଣେ ଦୁଇ ବର୍ଷର ଶିଶୁଙ୍କ ସମେତ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଆଉରାଇୟାର ଗୋଟିଏ ପରିବାର କଲ୍ୟାଣପୁରରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରୁ ଏକ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୪୦ କିଲୋମିଟର ଦୂର ଶିବଲିର ସାଭାଇ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ଭ୍ୟାନଟି ପୋଖରୀକୁ ଖସି ପଡ଼ିବା ସମୟରେ ଏଥିରେ ୧୧ ଜଣ ଲୋକ ଥିଲେ । ପାଖାପାଖି ୬ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଭ୍ୟାନ୍ ପୋଖରୀକୁ ଖସି ପଡ଼ିବା ପରେ ଲୋକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଜେସିବି ଓ ବୁଡ଼ାଳିଙ୍କୁ ଲଗାଇ ପୋଖରୀରୁ ଭ୍ୟାନରେ ଥିବା ଲୋକଙ୍କୁ ଖୋଜିଥିଲା । ଆହତମାନଙ୍କୁ ଉଦ୍ଧାର ପରେ ଶିବଲିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ୪ ଜଣଙ୍କୁ ମୃତ ଘୋଷଣା କରିଥିଲେ ।

## ଲେବାନନରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍: ୧୦ ମୃତ

ନୂଆଦିଲ୍ଲୀ, ୨୧।୧ : ଇସ୍ରାଏଲ ପୂର୍ବ ଲେବାନନରେ ଏୟାର ଷ୍ଟ୍ରାଇକ୍ ଆରମ୍ଭ କରିଛି । ଏୟାର ଷ୍ଟ୍ରାଇକ୍ ଯୋଗୁ ପୁଣି ଥରେ ଅଞ୍ଚଳରେ ସଙ୍କଟ ବଢ଼ିବାଲେ ଲାଗିଛି । ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ଅନୁଯାୟୀ, ଏୟାର ଷ୍ଟ୍ରାଇକରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଇରାନ-ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ନିଶ୍ଚିତ କରିଛି ଯେ, ମୃତକଙ୍କ ମଧ୍ୟରେ ହିଜବୁଲ୍ଲାର ଜଣେ ବରିଷ୍ଠ କମାଣ୍ଡର ମଧ୍ୟ ଅଛନ୍ତି । ନଭେମ୍ବର ୨୦୨୪ରେ ଯୁଦ୍ଧ ଶେଷ ହେବା ପରଠାରୁ ଏହାକୁ ଲେବାନନରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଛି । ଇସ୍ରାଏଲ ଦାବି କରିଛି, ସୈନ୍ୟମାନେ ବେକା ଉପତ୍ୟକାର ସ୍ଥାନଗୁଡ଼ିକୁ ଟାର୍ଗେଟ କରିଥିଲେ । ଯାହାକୁ ନେଇ ଇସ୍ରାଏଲ ଓ ଲେବାନନ ମଧ୍ୟରେ ଚୁକ୍ତିନାମା ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ବେକା ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲ ଦକ୍ଷିଣ ଲେବାନନରେ ଥିବା ଏକ ପାଲେଷ୍ଟାଇନୀ ଶରଣାର୍ଥୀ ଶିବିର ଉପରେ ମଧ୍ୟ ଏୟାର ଷ୍ଟ୍ରାଇକ୍ କରିଥିଲା । ସୋସିଆଲ ମିଡିଆ ଏକ୍ସରେ ଜାରି ଏକ ବିବୃତିରେ, ଇସ୍ରାଏଲୀ ସେନା ଦାବି କରିଛି ଯେ, ଆଇନ ଅଲ-ହେଲୱେ ଅଞ୍ଚଳରେ ଥିବା ଏକ ହମାସ କମାଣ୍ଡ ସେଣ୍ଟରକୁ ଟାର୍ଗେଟ କରାଯାଇଥିଲା । ସିଡୋନ ସହର ଉପକଣ୍ଠରେ ଅବସ୍ଥିତ ଘନ ଜନବସତି

## କାନାଡାରେ ଅପହରଣ ଅଭିଯୋଗ: ୨ଭାରତୀୟ ଗିରଫ

ଓଟାୱା, ୨୧।୨ : କାନାଡାର ଅଣ୍ଟାରିଓର ବ୍ରାମ୍ପଟନରେ ଏକ ଚାଞ୍ଚଲ୍ୟକର ଅପହରଣ ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି । ପିଲ୍ ରିଜିଓନାଲ୍ ପୁଲିସ ଅପହରଣ ଓ ବଟି ଆଦାୟ ଅଭିଯୋଗରେ ଦୁଇ ଭାରତୀୟ ନାଗରିକ ହରକିରତ ସିଂହ (୨୭), ଅମୃତପାଲ ସିଂହ(୨୭)ଙ୍କୁ ଗିରଫ କରିଛି । ଏହି ମାମଲାରେ ଆଉଜଣେ ଅଭିଯୁକ୍ତ ହସନପ୍ରୀତ ସିଂହ (୨୮) ଫେରାର ଅଛି ଏବଂ ତା’ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଛି । ଏହି ବ୍ୟକ୍ତିମାନେ କୌଣସି ଗ୍ୟାଙ୍ଗ ସହିତ ଜଡିତ କି ନାହିଁ ତାହା ପୁଲିସ ତଦନ୍ତ କରୁଛି । ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୬ ତାରିଖ ୨୦୨୫ରେ ସନ୍ଧ୍ୟା ୬ଟା ସମୟରେ ଜଣେ ବ୍ୟକ୍ତି ପୁଲିସକୁ ଫୋନ୍ କରି ଜଣାଇଥିଲେ ଯେ ତାଙ୍କ ଘନିଷ୍ଠ ବନ୍ଧୁଙ୍କୁ ଅପହରଣ କରାଯାଇଛି ଏବଂ ତାଙ୍କୁ ଛାଡ଼ିବା ପାଇଁ ସନ୍ଦିଗ୍ଧମାନେ ୨ଲକ୍ଷ ଡଲାର ଦାବି କରିଥିଲେ ।

## ନେପାଳର ଜେନ୍-ଜି ଆନ୍ଦୋଳନ ଦ୍ୱାରା ପ୍ରେରିତ ଥିଲା ୟୁଥ କଂଗ୍ରେସର ପ୍ରୋଟେଷ୍ଟ



ନୂଆଦିଲ୍ଲୀ, ୨୧।୨ : ଦିଲ୍ଲୀରେ ଆୟୋଜିତ ଏଆଇ ସମିଟରେ ସାର୍ଟ ବିରୋଧ ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର । ଅଭିଯୁକ୍ତ ୟୁଥ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ କୋର୍ଟ ଶନିବାର ପାଞ୍ଚ ଦିନର ପୁଲିସ କଷ୍ଟଡିକୁ ପଠାଇ ଦେଇଛନ୍ତି । କୋର୍ଟରେ ଚାରି ଜଣ ଅଭିଯୁକ୍ତକୁ ହାଜର କରାଯାଇଛି ଏବଂ ଦିଲ୍ଲୀ ପୁଲିସ କୋର୍ଟଙ୍କୁ କହିଛି ଯେ, ପ୍ରଦର୍ଶନ କରୁଥିବା ଏହି କାର୍ଯ୍ୟକର୍ତ୍ତା ନେପାଳର ଜେନ-ଜି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ଥିଲେ । କିଛି ସମୟ ପୂର୍ବରୁ ନେପାଳରେ ହୋଇଥିବା ଜେନ-ଜି ଆନ୍ଦୋଳନ ଦ୍ୱାରା ସେଠାର ସରକାରର ପତନ ଘଟିଥିଲା । ପୁଲିସ ଅଧିକାରୀଙ୍କ ଦାବି ଯେ, ୟୁଥ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କ ଏହି ବିରୋଧ ପ୍ରଦର୍ଶନର ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା । ପୁଲିସ୍ ୟୁଥ କଂଗ୍ରେସର ନେତାଙ୍କ କଷ୍ଟଡିର ଦାବି କରି କୋର୍ଟଙ୍କୁ କହିଥିଲା , ଏହା ଏକ ବଡ଼ ଷଡ଼ଯନ୍ତ୍ର । ସେମାନେ ନେପାଳର ଜେନ-ଜି ବିରୋଧ ପ୍ରଦର୍ଶନରୁ ପ୍ରେରଣା ନେଇ ଥିଲେ । ଅଭିଯୁକ୍ତଙ୍କୁ ପରସ୍ପରର ସାମ୍ନା ସାମ୍ନି କରାଇବାର ଅଛି ଏବଂ ପୁଣି ଡିଜିଟାଲ ପ୍ରମାଣକୁ ମଧ୍ୟ ଦେଖିବାର ଅଛି । ଏହା ପ୍ରମୁଖ ଯାଞ୍ଚ ..., ଏମିତି କହି ପୁଲିସ କୋର୍ଟଙ୍କୁ ଚାରି ଜଣ ଅଭିଯୁକ୍ତଙ୍କ ପୁଲିସ କଷ୍ଟଡି ଦାବି କରିଛି । କୋର୍ଟ ପାଞ୍ଚ ଦିନର ପୁଲିସ ହେପାଜତ ଦେଇଛନ୍ତି । ଅନ୍ୟପଟେ ଅଭିଯୁକ୍ତଙ୍କ ଓକିଲ କହିଥିଲେ – ପ୍ରୋଟେଷ୍ଟ ଶାନ୍ତିପୂର୍ଣ୍ଣ ଥିଲା , କୌଣସି ବି ଭିଡିଓରେ କିଛି ବି ହିଂସାତ୍ମକ କାର୍ଯ୍ୟ ଦେଖିବାକୁ ମିଳି ନାହିଁ । ସବୁ ଅଭିଯୋଗରେ ୭ ବର୍ଷ ପର୍ଯ୍ୟନ୍ତ ସଜା ମିଳି ପାରେ । ଅଭିଯୁକ୍ତଙ୍କ ଓକିଲ କହିଛନ୍ତି ଯେ, ଏଫଆଇଆର ଏକ ପଲିଟିକାଲ ପ୍ଲାନ୍ ବ୍ୟତୀତ ଆଉ କିଛି ନୁହେଁ । ଓକିଲ ଏହା ମଧ୍ୟ କହିଛନ୍ତି ଯେ, ପାଠପଢା ଲୋକ ଅଛନ୍ତି ଏବଂ ସେମାନଙ୍କ ପାଖରେ ଡିଗ୍ରୀ ଅଛି । ଏହି ମଧ୍ୟରେ , ସରକାରୀ ଓକିଲ କହିଛନ୍ତି ଯେ, ଅଭିଯୁକ୍ତମାନେ ଦେଶ ବିରୋଧୀ ନାରା ଲଗାଇଛନ୍ତି ଏବଂ କହିଛନ୍ତି , ସେମାନେ ପିଏମ୍‌ଙ୍କ ବିରୋଧରେ ମେସେଜ ଥିବା ଟି-ସାର୍ଟ ପିନ୍ଧି ଥିଲେ ।

## ନିଜ ନାଗରିକଙ୍କୁ ଇରାନ ଛାଡିବାକୁ ପରାମର୍ଶ ଦେଲା ସର୍ବିଆ ଏବଂ ସ୍ୱିଡେନ

ନୂଆଦିଲ୍ଲୀ, ୨୧।୨ : ଇରାନ ଉପରେ ବାରମ୍ବାର ଆକ୍ରମଣର ଧମକ ଦେଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ଟ୍ରମ୍ପ ଇରାନକୁ ୧୦ ଦିନର ଅଲଟିମେଟମ୍ ଦେଇଛନ୍ତି । ଟ୍ରମ୍ପଙ୍କ ଧମକ ପରେ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବା ପରି ମନେ ହେଉଛି । ତେବେ ସମ୍ଭାବ୍ୟ ଯୁଦ୍ଧର ଆଶଙ୍କା କରି, ସର୍ବିଆ ଏବଂ ସ୍ୱିଡେନ ଏବେ ଇରାନରେ ଥିବା ସେମାନଙ୍କର ନାଗରିକ ମାନଙ୍କୁ ତୁରନ୍ତ ଦେଶ ଛାଡିବାକୁ ଅନୁରୋଧ କରିଛନ୍ତି । ସର୍ବିଆ ଏବଂ ସ୍ୱିଡେନର ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ବଢୁଥିବା ବିପଦକୁ ସଙ୍କେତ ଦେଉଛି । ଯେଉଁଠାରେ ଆମେରିକା-ଇରାନ ପରମାଣୁ ଚୁକ୍ତିକୁ ନେଇ ବିବାଦ ଚାଲିଛି । ସୂଚନାଥାଉକି ସର୍ବିଆ ଜାନୁଆରୀ ମଧ୍ୟଭାଗରେ ଇରାନ ଛାଡିବାକୁ ଏବଂ ସେଠାକୁ ଯାତ୍ରା ନକରିବାକୁ ପରାମର୍ଶ ଦେଇଥିଲା । ସେହି ସମୟରେ ଇରାନରେ ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଉଥିଲା । ସର୍ବିଆର ବୈଦେଶିକ ମନ୍ତ୍ରଣାଳୟ ଏବେ ଏହାର ସରକାରୀ ୱେବସାଇଟରେ ଏକ ବିବୃତ୍ତି ଜାରି କରି କହିଛି, ‘ସୁରକ୍ଷା ପରିସ୍ଥିତି ଖରାପ ହେଉଥିବାରୁ, ସର୍ବିଆ ଗଣରାଜ୍ୟର ନାଗରିକମାନଙ୍କୁ ନିକଟ ଭବିଷ୍ୟତରେ ଇରାନ ଯାତ୍ରା କରିବାକୁ ପରାମର୍ଶ ଦିଆଯାଉନାହିଁ । ଇରାନରେ ଥିବା ସମସ୍ତ ଲୋକଙ୍କୁ ଯଥାଶୀଘ୍ର ଦେଶ ଛାଡିବାକୁ ପରାମର୍ଶ ଦିଆଯାଉଛି ।

# ପାକିସ୍ତାନରେ ବଢ଼ି ଚାଲିଛି ଦାରିଦ୍ର୍ୟ
## ୬ବର୍ଷରେ ୭ପ୍ରତିଶତ ବୃଦ୍ଧି: ଖାଇବାକୁ ପାଉନାହାନ୍ତି ଲୋକେ



ଇସଲାମାବାଦ୍, ୨୧।୨ : ଭାରତର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବେ ଦାରିଦ୍ର୍ୟ ସୀମାରେଖା ତଳକୁ ଯାଉଛି । ଦେଶର ଅର୍ଥନୀତି ବର୍ତ୍ତମାନ ସବୁଠାରୁ କଠିନ ପର୍ଯ୍ୟାୟ ଦେଇ ଗତି କରୁଛି । ଯୁଦ୍ଧ ଓ ଦେଶର ଭୁଲ ନୀତି କାରଣରୁ ସାଧାରଣ ଲୋକଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ଦକ୍ଷିଣ ଏସିଆରେ ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବିକାଶ ବଦଳରେ ଯୁଦ୍ଧ ଉପରେ ଧ୍ୟାନ ଦେବା ଦେଶ ପାଇଁ ବହୁତ ଘାତକ ପ୍ରମାଣିତ ହୋଇଛି । ଆଜି ପାକିସ୍ତାନର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ନିଜର ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି କାରଣ ଉଚ୍ଚ ମୁଦ୍ରାସ୍ଫୀତି ଲୋକଙ୍କ କ୍ରୟ ଶକ୍ତିକୁ ଛଡ଼ାଇ ନେଇଛି । ପାକିସ୍ତାନର କେନ୍ଦ୍ରୀୟ ଯୋଜନା ମନ୍ତ୍ରୀ ଆହସାନ ଇକବାଲଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଦେଶର ଦୁର୍ଦ୍ଦଶାର ଏକ ଭୟଙ୍କର ଚିତ୍ର ପ୍ରଦାନ କରିଛି । ୨୦୨୪-୨୫ ସୁଦ୍ଧା ପାକିସ୍ତାନର ମୋଟ ଜନସଂଖ୍ୟାର ୨୮.୮ ପ୍ରତିଶତ ଲୋକ ଆନୁଷ୍ଠାନିକ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଛନ୍ତି । ଏହି ସଂଖ୍ୟା, ୨୦୧୮-୧୯ରେ ମାତ୍ର ୨୧.୯ ପ୍ରତିଶତ ଥିଲା, ଗତ ଛଅ ବର୍ଷ ମଧ୍ୟରେ ପ୍ରାୟ ୬.୯ ପ୍ରତିଶତ ଦାରିଦ୍ର୍ୟ ବୃଦ୍ଧି ପାଇଛି । ଭାରତ ଓ ବାଂଲାଦେଶ ଭଳି ପଡ଼ୋଶୀ ଦେଶମାନେ ଦାରିଦ୍ର୍ୟ ଦୂର କରିବାରେ ସଫଳ ହୋଇଥିଲେ ମଧ୍ୟ ପାକିସ୍ତାନର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ । ଭାରତ ଗତ ଦଶ ବର୍ଷ ମଧ୍ୟରେ ୧୭୧ ମିଲିୟନ୍ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛି, ଯାହା ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ବାଂଲାଦେଶ ତାର ପୋଷାକ ଶିଳ୍ପ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଧାରଣ ମାନକୁ ଉନ୍ନତ କରିଛି, କିନ୍ତୁ ପାକିସ୍ତାନ ନିଜର ଭୁଲ ଯୋଗୁଁ କ୍ରମାଗତ ଭାବରେ ପଛରେ ପଡ଼ିଛି । ସର୍ବଶେଷ ସର୍ଭେ ଫଳାଫଳରୁ ଏହା ମଧ୍ୟ ଜଣାପଡିଛି ଯେ ପାକିସ୍ତାନର ପ୍ରମୁଖ ରାଜ୍ୟ, ପଞ୍ଜାବ ଓ ସିନ୍ଧରେ ଦାରିଦ୍ର୍ୟସ୍ତର ସର୍ବାଧିକ ବୃଦ୍ଧି ପାଇଛି । ଖାଇବର ପଖତୁନଖ୍ୱାର ପରିସ୍ଥିତି ମଧ୍ୟ ବିଶେଷ ଚିନ୍ତାଜନକ, ଯେତେବେଳେ କି ବେଲୁଚିସ୍ତାନ ଅଞ୍ଚଳରେ ପୂର୍ବ ବର୍ଷ ତୁଳନାରେ ଦାରିଦ୍ର୍ୟ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି । ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଓ କମ ଜିଡିପି ଅଭିବୃଦ୍ଧି ସାରା ଦେଶରେ ଦୁର୍ବଳ ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଛି । ତେଣୁ ଅର୍ଥନୈତିକ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ତାର ପ୍ରାଥମିକତା ପରିବର୍ତ୍ତନ ନକରେ, ସେପର୍ଯ୍ୟନ୍ତ ଦାରିଦ୍ର୍ୟ ଚକ୍ରରୁ ବାହାରିବା ଅସମ୍ଭବ । ରାଜନୈତିକ ଅସ୍ଥିରତା ଏବଂ ଆନ୍ତର୍ଜାତୀୟ ନିବେଶରେ ହ୍ରାସ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି ଯେ ଭବିଷ୍ୟତରେ ନିଯୁକ୍ତି ସୁଯୋଗ ଆହୁରି ସଙ୍କୁଚିତ ହେବ । ପାକିସ୍ତାନକୁ ଏବେ ତାର ନୀତିରେ ସଂସ୍କାର ଆଣିବାକୁ ପଡିବ ଏବଂ ତାର ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧି କରିବା ପାଇଁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପଡିବ ।

## ବିଦ୍ୟୁତ୍ ତାର ଲାଗି ବାଲିଗାଡ଼ି ଡ୍ରାଇଭର ଗୁରୁତର

ଧାମନଗର(ନିପ୍ର): ଧାମନଗର ଅଞ୍ଚଳରେ ଚୋରା ବାଲି ଚାଲାଣ ଦ୍ୱାରା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇ ଥିବାବେଳେ ବିଦ୍ୟୁତ ତାର ଲାଗି କେଉଁଠି ବାଲି ଗାଡ଼ି ଡ୍ରାଇଭର ଆହାତ ହେଲେଣି ତ କେଉଁଠି ମୃତ୍ୟୁ ବରଣ କଲେଣି, ନିକଟରେ ଭଗବାନପୁର ପଞ୍ଚାୟତର ଜୈନିକ ଡ୍ରାଇଭରର ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ହୋଇଥିବା ବେଳେ ଶନିବାର ଦିନ ଫଳପୁର ପୃଷ୍ଟି ସାହୀ ଠାରେ ଓଡ଼ି,୩୪ ଘ ୧୧୧୮ ନମ୍ବର୍ ଥିବା ଏକ ବାଲି ବୋଝେଇ ହାଇଓ୍ୱା ବାଲି ଢ଼ାଳିବା ବେଳେ ୧୧ କେବି ବିଦ୍ୟୁତ୍ ତାର ଲାଗିବା ଦ୍ୱାରା ଡ୍ରାଇଭର ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଜରୁରୀ କାଳୀନଗାଡ଼ି ଦ୍ୱାରା ଧାମନଗର ଡ଼ାକ୍ତର ଖାନା ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଯାଜପୁର ଡ଼ାକ୍ତର ଖାନାକୁ ନିଆଯାଇଛି। ସୂଚନାଥାଉକି ଆହତ ଡ୍ରାଇଭରଙ୍କ ଘର ଯାଜପୁର ଜିଲ୍ଲା କାଟିଆ ଅଞ୍ଚଳର ସେକ ଆସିମୁଦିନୀ ବୋଲି ଜଣାପଡିଛି। ଏହି ଘଟଣା ବେଳେ ଉକ୍ତ ଅଞ୍ଚଳରେ ପ୍ରାୟ ୪ ଘଣ୍ଟା ବିଦ୍ୟୁତ୍ ସେବା ବନ୍ଦ ରହିଥିଲା।

## ଜିଲ୍ଲାସ୍ତରୀୟ ସୁପୋଷିତ କର୍ମଶାଳା

ପୁରୀ(ନିପ୍ର): କୁପୋଷଣକୁ ଦୂରେଇ ସମସ୍ତଙ୍କୁ ସୁପୋଷିତ କରିବା ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ଅଙ୍ଗନବାଡି ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁପୋଷଣ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ଶ୍ରୀ ପୃଷ୍ଟି ଶିଶୁ ମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ର ଅଧିକାରୀ ଯେପରି ସେମାନେ ହୋଇ ପାରିବେ ସେଥି ପ୍ରତି ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ ଯେପରି ଅଧିକ ଲୋକାଭିମୁଖୀ ଓ ସରଳ ପ୍ରକ୍ରିୟାରେ ଉପଯୋଗ କରାଯାଇ ପାରିବ ସେଥି ଲାଗି ଏହି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଶୁଭେଚ୍ଛା ବାର୍ତ୍ତା ଓ ସୁପୋଷଣର ମହତ୍ତ୍ୱ ସମ୍ପର୍କରେ ଭିଡିଓ ବାର୍ତ୍ତା କୁ ଉପସ୍ଥାପନ କରାଯାଇଥିଲା। ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁପୋଷଣ ର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୦୨୬

କାଶୀନଗର(ନିପ୍ର): କାଶୀନଗର ବଂଶ ଧାରା ପାଠାଗାର ପରିସରରେ ଆଜି ଅପରାହ୍ନ ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୦୨୬ ପାଳିତ. ଏହି ଅବସର ରେ ବଂଶ ଧାରା ପାଠାଗାର ସଭାପତି ହୃଷିକେଶ ଗୌଡ଼ଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା. କାର୍ଯ୍ୟକ୍ରମ ରେ ବହୁ ଭାଷାବିତ ଉପସ୍ଥିତ ରହି ସାହିତ୍ୟ ଚର୍ଚ୍ଚା ରେ ଅଂଶ ଗ୍ରହଣ କରିଥିଲେ. ଏହି କାର୍ଯ୍ୟକ୍ରମରେ ଭାଷା ଜ୍ଞାନ ପ୍ରତି ପ୍ରୀତି ଥିବା ନାଗରିକ ମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋଚନା ଚକ୍ର ହୋଇଥିଲା. ଭାଷାବିତ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ଲିମା, ଜ୍ଞାନେନ୍ଦ୍ର ମହାପାତ୍ର, ଅଧ୍ୟାପକ ଗଣେଶ ଚନ୍ଦ୍ର ବେହେରା, ସାମ୍ବାଦିକ ଅଜିତ କୁମାର ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ.ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରି ମାତୃଭାଷା ର ପ୍ରଚାର ଓ ପ୍ରସାର କରିବା ଦ୍ୱାରା ଏକ ଜାତି ର ପ୍ରଗତି ଅବଶ୍ୟ ସମ୍ଭବପର ହୋଇ ପାରିବ ସେଥିପାଇଁ ଏହାକୁ ସାଫଲ୍ୟ କରିବାକୁ ହେଲେ ମାତୃଭାଷା ପ୍ରତି ସମସ୍ତଙ୍କ ଆବେଗ ରହିବା ଦରକାର ବୋଲି କହିଥିଲେ.ପରିଶେଷରେ ସାହିତ୍ୟିକ ଓ କବି ମାନଙ୍କ ଦ୍ୱାରା କବିତା ଆସର ହୋଇଥିଲା. ମାତୃଭାଷା ଦିବସ ରେ ମାତୃଭାଷାକୁ ବଂଚେଇ ରଖିବା ପାଇଁ ସାମୁହିକ ଶପଥ ପାଠ ମଧ୍ୟ କରାଯାଇଥିଲା.

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା,(ନିପ୍ର):କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ମୁଁ ଭାରତ ତରଫରୁ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ ଫେବୃଆରୀରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଠାରେ ଆୟୋଜିତ ହେବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ର, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମାଇଁ ଭାରତ ଯବା ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଇଚ୍ଛୁକ ଅନ୍ୟଯୁବ ଗୋଷ୍ଠୀ ଯାହାଙ୍କ ବୟସ ୧୫ ବର୍ଷରୁ ୨୫ ବର୍ଷ ବୟସ ହୋଇଥିବ ସେମାନେ ଆସି ଯୋଗଦେବେ । 'ବିକଶିତ ୧୦୦ ବର୍ଷ ଭାରତ ଏବଂ ୫୦ ବର୍ଷ ଗଣତନ୍ତ୍ର ' ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହିତ ଏକ ଛାୟା ସଂସଦ ପ୍ରକ୍ରିୟାରେ ଜୁରୀ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳ ବିଚାର କରିବେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନେ ଜାତୀୟ ସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ସୂଚନା ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଅଧାପିକା ରୁକ୍ମଣୀ ସାହୁ,ମନୋରଞ୍ଜନ ରାଉତ,ମାଇଁ ଭାରତ କର୍ମୀ ଲକ୍ଷ୍ମୀକାନ୍ତ ଜେନା,କର୍ମଚାରୀ ଅଶୋକ ମଳିକ,କିସନ ନିମାଇ,ଶ୍ରୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

ବାଲିପାଟଣା(ନିପ୍ର): ଏହି ଥାନା ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମରେ ଗ୍ରାମର ରମେଶ ପ୍ରଧାନଙ୍କ ପୁଅ ତରୁଣ ପ୍ରଧାନ (୪୦) ଆତ୍ମହତ୍ୟା କରିଥିବା ସୂଚନ ମିଳିଛି। ବାଲିପାଟଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ଅନୁସନ୍ଧାନ କରୁଛି। ସୂଚନା ଅନୁସାରେ ତରୁଣ ବାଲିପାଟଣାର ଏକ ଫିଜିଓଥେରାପି ସେଣ୍ଟରରେ କାର୍ଯ୍ୟରତ ଥିବାବେଳେ ଗତକାଲି ଏକ ବିବାହ ଭୋଜିରେ ଯୋଗଦେଇ ଘରକୁ ଫେରିଥିଲେ। କିନ୍ତୁ ସେହି ରାତିରେ ବେଡ଼ସିଡ ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ସକାଳୁ ଉଠିବା ବିଳମ୍ବ ଦେଖି କବାଟ ଭାଙ୍ଗି ଭିତରକୁ ଯାଇ ଦେଖନ୍ତି ତରୁଣ ଆତ୍ମହତ୍ୟା କରିଛି। ତୁରନ୍ତ ପୋଲିସକୁ ଖବର ଦେବା ସହିତ ତାକୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର ସଠିକ କାରଣ ଜଣା ପଡ଼ିନାହିଁ। ଏହା ଏକ ପ୍ରେମ ଜନିତ ଘଟଣା ବୋଲି ଆଲୋଚନା ହେଉଛି । ତରୁଣ ଏକ ମେଳାପୀ ସ୍ୱଭାବର ଯୁବକ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### 'ଅପରେସନ ସାଇବର କବଚ'ର ନବମ ଦିନ

# ୨୦୬୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୧୪୬ ଅଭିଯୁକ୍ତ ଗିରଫ

କଟକ,(ନିପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ' ଯୋରଦାର ଭାବେ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ବିଶେଷ ଅଭିଯାନକୁ ରାଜ୍ୟ ସାରା ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲା ଏସ୍‌ପି ଓ ଡିଏସପି ମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ ୟୁନିଟମାନଙ୍କ ଦ୍ୱାରା ଏହି ଅଭିଯାନ ପରିଚାଳିତ ହେଉଛି । ସମଗ୍ର କାର୍ଯ୍ୟକ୍ରମକୁ ସାଇବର କ୍ରାଇମ ୟୁନିଟ ଓ ସିଆଇଡ଼ି କ୍ରାଇମବ୍ରାଞ୍ଚ ସମନ୍ୱୟ କରୁଛି । ସାଇବର ଅପରାଧିଙ୍କ ଆର୍ଥିକ ଢ଼ାଞ୍ଚାକୁ ସମୂଳେ ଧ୍ୱଂସ କରିବା ହେଉଛି ଅପରେସନ ସାଇବର କବଚର ମୁଖ୍ୟ ଲକ୍ଷ୍ୟ। ଏପର୍ଯ୍ୟନ୍ତ ଅପରେସନ ସାଇବର କବଚ ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୨୦୬୭ଟି ମ୍ୟୁଲ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି । ଏହା ସହ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସଂପର୍କିତ ୧୬୬ଟି ସାଇବର ମାମଲା, ଚେକ ଉଠାଣ ସଂପର୍କିତ ୭ଟି ମାମଲା ଏବଂ ନକଲି ସିମ ସଂପର୍କିତ ୭ଟି ମାମଲା ରୁଜୁ ହୋଇଛି । ଏହି ସମସ୍ତ ମାମଲାରେ ମୋଟ ୧୪୬ଜଣ ଅଭିଯୁକ୍ତ ଗିରଫ ହୋଇଥିବା ସହ ୬୦୯ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଣ୍ଟ ଧାରୀଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ଏହି ଅଭିଯାନରେ ଜଗତସିଂହପୁର ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ସାଇବର ମାମଲା ରୁଜୁ କରିଚି । ଯାଜପୁର ଜିଲ୍ଲା ପୋଲିସ ୪୭ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୭୧ଟି ଆକାଉଣ୍ଟ ଯାଞ୍ଚ କରି ୯ଟି ମାମଲା ରୁଜୁ କରି ୪୯ଜଣକୁ ନୋଟିସ ଜାରି କରିଛି। ଖୋର୍ଦ୍ଧା ଜିଲ୍ଲା ପୋଲିସ ୩୫ଟି ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରି ୨ଜଣକୁ ନୋଟିସ ଜାରି କରିଛି । ଯାଜପୁର ଜିଲ୍ଲା ପୋଲିସ ୪୭ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି । ନୟାଗଡ଼ ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଂଚ କରି ପୁରୁଣା ମାମଲାରେ ୫ ଜଣକୁ ନୋଟିସ ଜାରି କରିଛି । ସେହିପରି ଝାରସୁଗୁଡ଼ା ପୋଲିସ ୩ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୩ ଜଣକୁ ନୋଟିସ ଜାରି କରିଛି । ସମ୍ବଲପୁର ଜିଲ୍ଲା ପୋଲିସ ୫୧ଟି ଆକାଉଣ୍ଟ ଯାଞ୍ଚ କରି ୧୪ଟି ମାମଲା ରୁଜୁ କରି ୧୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ୩୮ଜଣକୁ ନୋଟିସ ଜାରି କରିଛି । କେନ୍ଦୁଝର ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଂଚ କରି ୭ଟି ମାମଲା ରୁଜୁ କରି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୬ଜଣକୁ ନୋଟିସ ଜାରି କରିଛି । ରାଉରକେଲା ଜିଲ୍ଲା ପୋଲିସ ୬୨ଟି ଆକାଉଣ୍ଟ ଯାଂଚ କରି ୪ଟି ମାମଲା ରୁଜୁ କରି ୨ ଜଣକୁ ନୋଟିସ ଜାରି କରିଛି । ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୪୪ଟି ଆକାଉଣ୍ଟ ଯାଂଚ କରି ୨ଟି ମାମଲା ରୁଜୁ କରି ୩ଜଣକୁ ନୋଟିସ ଜାରି କରିଛି । ବାଲେଶ୍ୱର ଜିଲ୍ଲା ପୋଲିସ ୧୦ଟି ଆକାଉଣ୍ଟ ଯାଂଚ କରି ୩ଟି ମାମଲା ରୁଜୁ କରି ୧୦ଜଣକୁ ନୋଟିସ ଜାରି କରିଛି । ଭଦ୍ରକ ଜିଲ୍ଲା ପୋଲିସ ୧୪ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ନୋଟିସ ଜାରି କରିଛି । ମୟୁରଭଞ୍ଜ ଜିଲ୍ଲା ପୋଲିସ ୪୩ଟି ଆକାଉଣ୍ଟ ଯାଂଚ କରି ୯ଟି ମାମଲା ରୁଜୁ କରି ୪୩ଜଣକୁ ନୋଟିସ ଜାରି କରିଛି । ଏହା ସହ ଗଜପତି ଜିଲ୍ଲା ପୋଲିସ ୩ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରିଛି । ଗଂଜାମ ଜିଲ୍ଲା ପୋଲିସ ୨୫ଟି ଆକାଉଣ୍ଟ ଯାଂଚ କରି ୫ଟି ମାମଲା ରୁଜୁ କରି ୧୦ ଜଣକୁ ନୋଟିସ ଜାରି କରିଛି । କଳାହାଣ୍ଡି ଜିଲ୍ଲା ପୋଲିସ ୨୯ଟି ଆକାଉଣ୍ଟ ଯାଂଚ କରି ୧ଟି ମାମଲା ରୁଜୁ କରି ୧ଜଣକୁ ଗିରଫ କରିବା ସହ ୧୮ ଜଣକୁ ନୋଟିସ ଜାରି କରିଛି । କୋରାପୁଟ ଜିଲ୍ଲା ପୋଲିସ ୧୨ଟି ଆକାଉଣ୍ଟ ଯାଂଚ କରି ୨ଟି ମାମଲା ରୁଜୁ କରି ୫ଜଣକୁ ନୋଟିସ ଜାରି କରିଛି । ମାଲକାନାଗିରି ଜିଲ୍ଲା ପୋଲିସ ୫୨ଟି ଆକାଉଣ୍ଟ ଯାଂଚ କରି ୩ଟି ମାମଲା ରୁଜୁ କରିଛି। ଏହା ସହିତ କଟକ (ୟୁପିଡ଼ି) ଜିଲ୍ଲା ପୋଲିସ ୨ଟି ଆକାଉଣ୍ଟ ଯାଂଚ କରି ୨ ଜଣକୁ ନୋଟିସ ଜାରି କରିଛି । ବ୍ରହ୍ମପୁର ପୋଲିସ ୮ଟି ଆକାଉଣ୍ଟ ଯାଂଚ କରି ୮ ଜଣକୁ ନୋଟିସ ଜାରି କରିଛି । ବୌଦ୍ଧ ପୋଲିସ ୨ଟି ଆକାଉଣ୍ଟ ଯାଂଚ କରି ୩ ଜଣକୁ ନୋଟିସ ଜାରି କରିଛି । କନ୍ଧମାଳ ପୋଲିସ ୬ଟି ଆକାଉଣ୍ଟ ଯାଂଚ କରି ୪୩ ଜଣକୁ ନୋଟିସ ଜାରି କରିଛି । ନବରଙ୍ଗପୁର ପୋଲିସ ୭ଟି ଆକାଉଣ୍ଟ ଯାଂଚ କରି ୩ ଜଣକୁ ନୋଟିସ ଜାରି କରିଛି । ଏହା ସହ କଟକ ଜିଲ୍ଲା ପୋଲିସ ୨୩ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ପୁରୀ ଜିଲ୍ଲା ପୋଲିସ ୧୦ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୨ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ଅନୁଗୁଳ ଜିଲ୍ଲା ପୋଲିସ ୪ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ଦେବଗଡ଼ ଜିଲ୍ଲା ପୋଲିସ ୧୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ଢ଼େଙ୍କାନାଳ ଜିଲ୍ଲା ପୋଲିସ ୧୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ରାୟଗଡ଼ା ଜିଲ୍ଲା ପୋଲିସ ୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରିଛି । ରାଜ୍ୟର ସାଧାରଣ ଲୋକଙ୍କ ଡିଜିଟାଲ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପୋଲିସ ସଦାସର୍ବଦା ଦୃଢ଼ ସଂକଳ୍ପ ବଦ୍ଧ । ସାଇବର ଅପରାଧିଙ୍କ ଆର୍ଥିକ କାରବାରକୁ ସଂପୂର୍ଣ୍ଣରୂପେ ବନ୍ଦ କରିବା ପାଇଁ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

## ଡାବୁଗାଁ ଠାରେ ଶତାଧିକ କେନ୍ଦୁପତ୍ର ତୋଳାଳିଙ୍କ ବିକ୍ଷୋଭ




ନବରଙ୍ଗପୁର(ନିପ୍ର): ରାଜ୍ୟ ସରକାରଙ୍କ ଅବହେଳାର ପ୍ରତିବାଦରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ୧୭ ଦଫା ଦାବି ନେଇ ଆଜି ଶତାଧିକ କେନ୍ଦୁପତ୍ର ତୋଳାଳି ଡାବୁଗାଁ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରିଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡାବୁଗାଁ ବ୍ଲକର ସମ୍ପାଦକ ତଥା ନବରଙ୍ଗପୁର ଡିଭିଜନ ଉପଦେଷ୍ଟା ଲକ୍ଷ୍ମୀଧର ବିଷୟୀଙ୍କ ନେତୃତ୍ୱରେ କେନ୍ଦୁପତ୍ର ତୋଳାଳିମାନେ ଧାରଣା ଦେବା ସହ ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କେନ୍ଦୁପତ୍ର କେଜି ପ୍ରତି ଦରବୃଦ୍ଧି, ଋତୁକାଳୀନ କର୍ମଚାରୀମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି ଅନୁପାତରେ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ରୋକାଯିବା, ପ୍ରସ୍ତାବିତ ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରାଯିବା, କେନ୍ଦୁପତ୍ରରେ ଜିଏସ୍‌ଟି ହ୍ରାସ ପରେ ବିକ୍ରିମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯିବା, ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ କେଏଲ୍‌ଡିବିର ଆବଶ୍ୟକ ସଂଶୋଧନ, ପିସିସିଏଫ୍‌ଙ୍କ ଅଧକ୍ଷତାରେ ଗଠିତ ତୋଳାଳି, ଋତୁକାଳୀନ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଆହ୍ୱାନ କରିବା,ବୋନସ ପ୍ରଦାନ ଶତକଡ଼ା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରିବା, ମୃତକ ପରିବାରକୁ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି କରିବା, ଋତୁକାଳୀନ କର୍ମଚାରୀ ରୋଗରେ ପୀଡ଼ିତ ହେଲେ ଛୁଟି ପ୍ରଦାନ କରିବା, ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ଋତୁକାଳୀନ କର୍ମଚାରୀଙ୍କୁ ପ୍ରମୋସନ ଭିତ୍ତିରେ ପୂରଣ କରିବା, ୱାଚରମାନଙ୍କର ଏରିଅର ପ୍ରଦାନ କରିବା, ମୁନ୍‌ସି ଓ ଫଡ଼ି ସାଥୀମାନଙ୍କ ଧାର୍ଯ୍ୟ ସମୟ ଠାରୁ କାର୍ଯ୍ୟକାଳ ହ୍ରାସ ନ କରିବା, ଓଏଫଡିସିକୁ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟକାରିତା ପାଇଁ ରିଭଲ୍‌ଭିଂ‌ସାମାଜିକ ପାଣ୍ଠି ଯୋଗାଇ ଦେବା, ବଜେଟ୍‌ରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକମାନଙ୍କର ନିରାପତ୍ତା ସହାୟତା ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବା ଆଦି ଦାବି ରହିଛି। ଆଜି ଏହି ଧାରଣା ସମୟରେ ଉପସ୍ଥିତି ଥିଲେ ଡାବୁଗାଁ ରେଞ୍ଜ ଅଧିନ ୪ ଟି ସେକ୍ସନ ର ୬୩ଟ ଜଣ ମୁନସି,୨୦ ଜଣ ଚେକେର, ଏବଂ ୬୩ଜଣ ଚପ୍ରାସି ଉପସ୍ଥିତି ଥିଲେ।

## ଶୈଳବାଳା କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦାବି

କଟକ, (ନିପ୍ର): ଗତକାଲି ରାଜ୍ୟ ବଜେଟରେ ରାଜ୍ୟର ୪ଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା କଲେଜକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ରଖାଯାଇଛି। ଯାହାକୁ ନେଇ କଟକବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୧୧୩ବର୍ଷର ଏହି ପୁରାତନ ଐତିହାସିକ କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବର୍ଷବର୍ଷ ଧରି ବୁଦ୍ଧିଜୀବି ଓ ଛାତ୍ରୀମାନେ ଦାବି କରି ଆସୁଛନ୍ତି। ଯାହାକୁ ନେଇ ଶନିବାର ଛାତ୍ରୀମାନେ କଲେଜ ଗେଟରେ ତାଲା ପକାଇବା ସହ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସବକଲେକ୍ଟର ଘଟଣା ସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରିବା ସହିତ ସୋମବାର ଦିନ ଆଲୋଚନା ପାଇଁ ଆଶ୍ୱସନା ଦେଇଥିବା ଜଣାପଡ଼ିଛି। ତେବେ ସନ୍ଧ୍ୟାସୁଦ୍ଧା ଛାତ୍ରୀମାନେ ଆନ୍ଦୋଳନରୁ ହଟି ନଥିବା ଖବର ମିଳିଛି।

## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ଉପକେନ୍ଦ୍ର ଖୋଲା ଯିବ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ପାଟପୁର ସେକ୍ଟରର ଏକ ସ୍ୱତନ୍ତ୍ର ବୈଠକ କେନ୍ଦ୍ର ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇ ଟୀକାକରଣ (୦-୫ ବର୍ଷ), ମମତା ଦିବସ, ଗ୍ରାଫ୍ ଚାର୍ଟ, ଗର୍ଭବତୀ ମହିଳା, ପ୍ରସୂତି ମହିଳାଙ୍କ ସଂପର୍କରେ ସଚେତନତା ସହ ଖସଡ଼ା ସଂପର୍କରେ ଆଲୋଚନା କରାଯାଇଥିଲା। ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ସୁବ୍ରତ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସେକ୍ଟର ଅଧିକାରୀ ସୌମ୍ୟ ରଂଜନ ସ୍ୱାଇଁ ଆଗାମୀ ଦିନରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରି ସମସ୍ତ ଉପକେନ୍ଦ୍ର ଅଧିକାରୀଙ୍କୁ ସଜାଗ ରହିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

## ବାଲିପୁଟ ସରପଞ୍ଚ ଥାନାରେ ଅଟକ ଘଟଣାରେ ରାଜ୍ୟ ରାଜପଥ ଅବରୋଧ



ତିଗିରିଆ, (ନି ପ୍ର ):ବାଲିପୁଟ ସରପଞ୍ଚ ରଞ୍ଜନ ସୁତାର ଓ ଉକ୍ତ ଗ୍ରାମର ପ୍ରତାପ ବେହେରାଙ୍କୁ ତିଗିରିଆ ପୋଲିସ ଉଠାଇନେଇ ଅଟକ ରଖିବା ଘଟଣାରେ ବିନ୍ଧାଣିମା ବାଇପାସ ଠାରେ ସାଧାରଣ ଜନତା ୬୫ନଂ ରାଜ୍ୟ ରାଜପଥକୁ ଟାୟାର ଜଳାଇ ଅବରୋଧ କରିଥିଲେ। 'ପ୍ରଶାସନ ବୁଝାସୁଝା ପରେ ଅବରୋଧ ହଟିଛି। ଏହି ବିଷୟରେ ତିଗିରିଆ ଥାନା ଆଇଆଇସିଙ୍କୁ ପଚରାଯିବାରୁ, ସେ କହିଲେ ପରବର୍ତ୍ତୀ ସମୟରେ ଆଠଗଡ ଏସଡିପିଓ ମିଡ଼ିଆକୁ ବିବୃତି ଦେବେ । 'ତିଗିରିଆ ଥାନା ଠାରେ ମଧ୍ୟ ଶହ ଶହ ମହିଳା ଏସଡିପିଓଙ୍କୁ ଘେରିଥିଲେ 'ଗତ ରାତିରେ ବାଲିପୁଟ ଗ୍ରାମଠାରେ ଏକ ବିବାହ କାର୍ଯ୍ୟକ୍ରମ ଚାଲିବା ଯୋଗୁଁ ଗ୍ରାମ ଭିତରେ ରାତିରେ ହାଇଓ୍ୱା ଗାଡି ଯାତାୟାତ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରଣ କରାଯାଇଥିଲା। 'କିନ୍ତୁ ହାଇଓ୍ୱା ଗାଡି ଉକ୍ତ ଗ୍ରାମ୍ୟ ରାସ୍ତାରେ ଯିବା ଯୋଗୁଁ ଗଣ୍ଡଗୋଳ ହୋଇଥିବା ଶୁଣାଯାଉଛି । 'କେଉଁ ଘଟଣା ପାଇଁ ପୋଲିସ ଉଠାଇ ନେଇଛି ଏ ପର୍ଯ୍ୟନ୍ତ ଜଣାଯାଇନାହିଁ ।

## ବ୍ଲକ୍ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ

ଧାମନଗର(ନିପ୍ର): ଆମ୍ବିଲିଗାଁ ସ୍ଥିତ ଜନକଲ୍ୟାଣ ସେବା ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଷଷ୍ଠ ବର୍ଷ ଶିଶୁ ପ୍ରତିଭା ମହୋତ୍ସବ ଓ ଆନ୍ତର୍ଜାତିକ ମାତୃଭାଷା ଦିବସକୁ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉଦଘାଟନ କରିଥିଲେ। ଆମେ ଆମର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାର ସୁରକ୍ଷା ଓ ପ୍ରସାର ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା ବୋଲି ଅତିଥି କହିଥିଲ। ଏହି ଅବସରରେ ଜନ କଲ୍ୟାଣ ସମିତି ଆନୁକୁଲ୍ୟରେ ଆୟୋଜିତ ବ୍ଲକ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ଆମ ପରମ୍ପରାକୁ ନୂତନ ଦିଗ୍ ଦର୍ଶନ ଦେଇପାରିବ। ସମିତିର ସଭାପତି ଆଦର୍ଶ ରମାପଦ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ଦୈତ୍ୟାରି ମହାପାତ୍ର ,ସମ୍ମାନିତ ଅତିଥି କବି ଅଭୟ ସୁତାର ଯୋଗ ଦେଇ କାର୍ଯ୍ୟକ୍ରମର ସଫଳତା ଉପରେ କହିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ ସେମାନଙ୍କର କଳା ପ୍ରଦର୍ଶନ କରି ନିଜ ନିଜର ପ୍ରତିଭା ଦେଖାଇ ଥିଲେ । ଦିବସ ବ୍ୟାପୀ ଉକ୍ତ ଶିଶୁ ପ୍ରତିଭା ମହୋତ୍ସବରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବେହେରା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ମାନସ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆନ୍ତର୍ଜାତିକ ମାତୃଭାଷା ଦିବସ

ହିଞ୍ଜିଳିକାଟୁ,(ନିପ୍ର): ବି.ନୂଆଁଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଡ଼ି. ଗୌରୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ହିଞ୍ଜିଳି ବ୍ଲକର ପ୍ରାକ୍ତନ ଶିକ୍ଷାନୁପରିଦର୍ଶକ ପ୍ରଶାନ୍ତ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଖିଳ ପଣ୍ଡା, ସମ୍ମାନିତ ଅତିଥି ରୂପେ ସମାଜସେବୀ ସୁବାଷ ଚନ୍ଦ୍ର ଗୌଡ଼ ମଞ୍ଚାସୀନ ଥିଲେ ।

## ସଡକ ସୁରକ୍ଷା ସଚେତନତା

ହିଞ୍ଜିଳିକାଟୁ(ନିପ୍ର): କେନ୍ଦ୍ର ସଡକ ସୁରକ୍ଷା ମନ୍ତ୍ରାଳୟ ପ୍ରଦତ୍ତ ସୂଚନା ପ୍ରକାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି । ବିଶେଷକରି ଯୁବଗୋଷ୍ଠୀଙ୍କ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଇବା ସହ ମୃତାହତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିବର୍ଷ ସାରା ଦେଶରେ ଜାନୁଆରୀ ମାସ ପ୍ରଥମ ସପ୍ତାହକୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲେ ମଧ୍ୟ ଦୁର୍ଘଟଣା କମିବାରେ ଉନ୍ନତି ସାଧିତ ହେଉନଥିବା ଜଣାପଡିଛି ।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

# ମାତୃଭାଷାର ନିକଟତର ହେବାକୁ ସୁଯୋଗ ଆସିଛି: କୁଳପତି




ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ମୂଲ୍ୟବୋଧ, ଗୁରୁତ୍ୱ ଓ ଏହାର ଉପାଦେୟତା ସଂପର୍କରେ ମତ ରଖିଥିଲେ । ମାତୃଭାଷା ପ୍ରତି କର୍ତ୍ତବ୍ୟପରାୟଣ ହୋଇ ଏହାର ଉନ୍ନତି, ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଛାତ୍ରଛାତ୍ରୀମାନେ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାତୃଭାଷା ପ୍ରୀତି ସମସ୍ତଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ । ସମସ୍ତ ଭାଷାକୁ ସମ୍ମାନ ଦେବା ସହ ଭାଷାଗତ ମୈତ୍ରୀଭାବକୁ ବଜାୟ ରଖି ନିଜର ମାତୃଭାଷାକୁ ମହତ୍ତ୍ୱ ଓ ଗୁରୁତ୍ୱ ଦେବା ସମସାମୟିକ ଯୁବପିଢ଼ିଙ୍କ ପ୍ରମୁଖ ଦାୟିତ୍ୱ ବୋଲି ସେ କହିଥିଲେ । ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ମାତୃଭାଷାକୁ ହୃଦୟର ଭାଷା ଭାବେ ଅଭିହିତ କରି ଏହାକୁ ଆମ ଚିନ୍ତା, ଚେତନା ଓ ପରିପ୍ରକାଶର ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ତାଙ୍କ ବକ୍ତବ୍ୟରେ ନିଜ ମାତୃଭାଷାର ମହନୀୟତା ସଂପର୍କରେ ଆଲୋକପାତ କରିବା ସହ ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ମାତୃଭାଷାର ଆବଶ୍ୟକତା ସଂପର୍କରେ ଛାତ୍ରଛାତ୍ରୀମାନେ ସଚେତନ ହେବା ଉଚିତ୍ ବୋଲି ମତ ଦେଇଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ମାତୃଭୂମି ଓ ମାତୃଭାଷା ସହ ଜୀବନର ନିବିଡତା ସଂପର୍କରେ ବକ୍ତବ୍ୟ ରଖିବା ସହ ଭାରତର ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ଗୁରୁତ୍ୱ ବଢ଼ିବା ଛାତ୍ରଛାତ୍ରୀଙ୍କ ପାଇଁ ନିଜ ମାତୃଭାଷାର ନିକଟତର ହେବା ପାଇଁ ସୁଯୋଗ ଆଣିଦେଇଛି ବୋଲି କହିଥିଲେ । ପ୍ରଫେସର ଧରଣୀଧର ରଣା, ସୁନନ୍ଦା ଷଡଙ୍ଗୀ, ଡ. ଜ୍ଞାନରଞ୍ଜନ ପଣ୍ଡା ଓ ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଅନ୍ତର୍ଜାତୀୟ ମାତୃଭାଷା ଦିବସର ପ୍ରାସଙ୍ଗିକତା ଓ ମାତୃଭାଷାର ମାର୍ଗଦର୍ଶନରେ ସଫଳତା ପାଇବାର ବିଭିନ୍ନ ଦିଗ ଓ ଦୃଷ୍ଟାନ୍ତ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସୁଶ୍ରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରୀମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚନାରୁ ମାତୃଭାଷା ସଙ୍ଗୀତ ପରିବେଷଣ କରିଥିଲେ ।

## ବିଧାନସଭା ହାଲଚାଲ୍

### କାଚ ବୋତଲରେ ମିଳିବନି ମଦ

ଭୁବନେଶ୍ୱର,୨୧।୨(ନିପ୍ର): ଏଣିକି କାଚ ବୋତଲରେ ମିଳିବ ନାହିଁ ମଦ । ଫ୍ରୁଟି ପ୍ୟାକେଟ୍ ଭଳି ମୋଟା କାଗଜ ଖୋଳରେ ମିଳିବ ମଦ । କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାର କରାଯିବ । ଅବକାରୀ ନୀତି ଅନୁସାରେ କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ମଧ୍ୟ ଅଟେ । ଏହା ସହିତ, ପରିବେଶ ସୁରକ୍ଷାର ଦୃଷ୍ଟିକୋଣରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା/ବ୍ୟକ୍ତି ମାନଙ୍କୁ କାଚ ବୋତଲର ପୁନଃ ବ୍ୟବହାର (ରିସାଇକ୍ଲି) ପାଇଁ ଉତ୍ସାହିତ କରୁଛି । ବିଧାୟକ ସନା ମହାକୁଡ଼ଙ୍କ ପ୍ରଶ୍ନରେ ଉତ୍ତର ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

### ଭାଙ୍ଗ ବିକିବାକୁ ୯୩ ଦୋକାନକୁ ମିଳିଛି ଅନୁମତି

ଭୁବନେଶ୍ୱର,୨୧।୨(ନିପ୍ର): ଭାଙ୍ଗ ବିକିବାକୁ ୯୩ ଟି ଦୋକାନକୁ ମିଳିଛି ସରକାରୀ ଅନୁମତି। ଭାଙ୍ଗ ଲସି କି ପଣା ସେବନ ଓ ବିକ୍ରି ପାଇଁ କୌଣସି ପ୍ରକାର ଅନୁମତି ପ୍ରଦାନ କରାଯାଏ ନାହିଁ । କେନ୍ଦ୍ରୀୟ ଅଧିନିୟମ ଏନଡିପିଏସ୍ ଆକ୍ଟ ୧୯୮୫ ଅନୁଯାଇ ଆମ ଦେଶରେ ତଥା ଓଡ଼ିଶାରେ କେବଳ ଔଷଧୀୟ ଓ ବୈଜ୍ଞାନିକ ଗବେଷଣା ବ୍ୟତୀତ ଗଞ୍ଜେଇର ଉତ୍ପାଦନ, ଚାଷ, ବିକ୍ରୟ, ପରିବହନ, ସଂରକ୍ଷଣ ଏବଂ ସେବନକୁ ସମାନ ଭାବରେ ନିଷେଧ କରାଯାଇଛି। ବିଧାୟକ ମଙ୍ଗୁ ଖିଲଙ୍କ ପ୍ରଶ୍ନର ଲିଖିତ ଉତର ରଖିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

### ଧଳା ଜହର କବଳରେ ଓଡିଶା

ଭୁବନେଶ୍ୱର,୨୧।୨(ନିପ୍ର): ରାଜ୍ୟରେ ବଢୁଛି ବ୍ରାଉନ ସୁଗାର କାରବାର। ବ୍ରାଉନ ସୁଗାର ହବ ପାଲଟିଛି ବାଲେଶ୍ୱର, ପୁରୀ, ଭୁବନେଶ୍ୱର ଏବଂ ଜଗତସିଂପୁର ଜିଲ୍ଲା। ବିଧାନସଭାରେ ଆସିଲା ସାଙ୍ଘାତିକ ତଥ୍ୟ। ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତର ରଖି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହକୁ ଜଣାଇଛନ୍ତି ଯେ ୨୦୨୫-୨୬ ଫେବୃଆରୀ ମାସ ସୁଦ୍ଧା ୪୦ କେଜି ୨୭୮ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ୪୮୧ ଜଣ ଗିରଫ ହୋଇଛନ୍ତି । ୨୦୨୪-୨୫ ରେ ୨୮ କେଜି ୫୭୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା , ୩୬୧ ଜଣ ଗିରଫ ହୋଇଥିଲେ। ୨୦୨୩-୨୪ ବର୍ଷରେ ୩୪ କେଜି ୪୨୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ଗିରଫ ହୋଇଛନ୍ତି ୪୪୮ଜଣ । ୨୦୨୨ - ୨୩ ରେ ୩୨ କେଜି ୮୨୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବା ବେଳେ ୩୮୨ ଜଣ ଗିରଫ ହୋଇଛନ୍ତି।

### ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ

ଭୁବନେଶ୍ୱର,୨୧।୨(ନିପ୍ର): ବିଧାନସଭାରୁଆସିଲା ବାଲ୍ୟବିବାହ ତଥ୍ୟ ଚିନ୍ତାଜନକ । ଜାତୀୟ ହାରଠାରୁ ରାଜ୍ୟରେ କମ ବାଲ୍ୟ ବିବାହ ହାର । ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟବିବାହ । ନବରଙ୍ଗପୁରରେ ୩୯.୪%, ନୟାଗଡରେ ୩୫.୭%, କୋରାପୁଟରେ୩୫.୫%, ରାୟଗଡାରେ ୩୩.୨%, ମାଲକାନଗିରିରେ୩୨.୪, ମୟୁରଭଞ୍ଜରେ ୩୧.୩%, କେନ୍ଦୁଝରରେ୨୯%, ଗଜପତିରେ ୨୮.୧, ବାଲେଶ୍ୱରରେ ୨୬.୪,ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟବିବାହ ରେକର୍ଡ କରାଯାଇଛି. ତେବେ ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାରେ ୨୦.୫%. ବାଲ୍ୟବିବାହର ପାଞ୍ଚୋଟି କାରଣ : ସମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକବିଷମତା, ଦାରିଦ୍ୟ, ସାମାଜିକ ଅସୁରକ୍ଷା ଏବଂକିଶୋରୀମାନଙ୍କ ଶିକ୍ଷାର ଅଭାବ। ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀପରିଡା ଉତ୍ତର ରଖିଛନ୍ତି ।

### AFFIDAVIT

By virtue of an affidavit sworn before The Executive Magistrate, Kanas affidavit no.281 dated 27.01.2026, I, Sulochana Pattanayak W/o-Gangadhar Pattanayak, At-Talapada, Po/Ps-Kanas, Dist-Puri, Odisha, Pin-752017 do hereby declare that, I have changed name from Kuni Pattanayak to Sulochana Pattanayak. Henceforth I shall be known as Sulochana Pattanayak for all purposes.

**Sd/-SULOCHANA PATTANAYAK**

### AFFIDAVIT

By virtue of an affidavit sworn before The Executive Magistrate, Banpur on dt.18.02.2026, I, Loni Pradhan, W/o-Sukanta Kumar Pradhan, At-Godipadar Sahi, Bhimpur, Po-Bhimpur, Ps-Banpur, Dist-Khurda, Odisha, Pin-752031 declare that, I, have changed the name of my minor daughter's from Sampurna Pradhan to Sampurnamayee Pradhan. Henceforth my daughter's name shall be known as Sampurnamayee Pradhan for all purposes.

**Sd/-LONI PRADHAN**


GANDHI SHILP BAZAAR

SALE



VENUE:- URBAN HAAT, AT/PO- KONARK, DIST.- PURI

From 17 February to 23 february(7 days)

Daily from 11A.M. to 9P.M.

Sponsored by:
Office of the Development Commissioner (Handicrafts)
Ministry of Textiles, Govt. of India, New Delhi

Organized by - ARKAKHETRA Bahumukhi Co-operative Society Ltd, Konark


### ଭାରତୀୟ ମହିଳା କ୍ରିକେଟ୍ ଦଳର ଐତିହାସିକ ଶୃଙ୍ଖଳା ବିଜୟ

# ୨-୧ରେ ହାରିଲା ଅଷ୍ଟ୍ରେଲିଆ



ଆଡିଲେଡ୍,୨୧।୨: ସ୍ମୃତି ମନ୍ଧାନା ଓ ଜେମିମା ରଡ୍ରିଗ୍ସଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆକୁ ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇ ଦେଇଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୨-୧ରେ ଜିତି ନେଇଛି। ୨୦୧୭ ମସିହାରେ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର କୌଣସି ଗୋଟିଏ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ପରାଜୟ। ଶନିବାର ଭ୍ରମଣକାରୀ ଭାରତୀୟ ଦଳ ଟସ୍ ଜିତି ବ୍ୟାଟିଂ କରିବା ପରେ ୧୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍‌ରେ ମନ୍ଧାନା ଓ ରଡ୍ରିଗ୍ସ ୧୨୧ ରନ୍ ଯୋଡ଼ିବା କିନ୍ତୁ ଭାରତୀୟ ଦଳର ସ୍ଥିତିକୁ ମଜଭୁତ କରି ନେଇଥିଲା। ଉଭୟ ଖେଳାଳି ରେକର୍ଡ ଭାଗୀଦାର ସହ ଅଷ୍ଟ୍ରେଲିଆ ମାଟିରେ ଅର୍ଦ୍ଧଶତକ ଅର୍ଜନ କରିବାର ଗୌରବ ହାସଲ କରିଥିଲେ। ସେହିଭଳି ଶେଷ ଆଡ଼କୁ ୱିକେଟ୍ ରକ୍ଷକ ବ୍ୟାଟର ରିଚା ଘୋଷ ଦ୍ରୁତ ୧୮ ରନ୍ କରିବାରୁ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ପଶ୍ଚାତଧାବନ ପ୍ରଥମ ୪ ଓଭରରେ ହିଁ ବାଟ ହୁଡ଼ିଥିଲା। ୩୨ ରନ୍‌ରେ ୩ ୱିକେଟ୍ ହରାଇ ଦଳ ୧୭୭ ରନ୍‌ର ବଡ଼ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପାୱାର ପ୍ଲେ ଭିତରେ ହିଁ ଚାପଗ୍ରସ୍ତ ହୋଇଥିଲା। ମଧ୍ୟକ୍ରମରେ ଆସଲି ଗାର୍ଡନରଙ୍କ ଛଡ଼ା ଅନ୍ୟ କୌଣସି ଅଷ୍ଟ୍ରେଲୀୟ ବ୍ୟାଟର ଭାରତୀୟ ବୋଲରଙ୍କ ସଠିକ ମୁକାବିଲା କରିପାରି ନଥିଲେ। ଫଳରେ ଘରୋଇ ଦଳ ୯ ୱିକେଟ୍‌ରେ ୧୫୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ର ସର୍ବୋଚ୍ଚ ପାଳି ଖେଳିଥିବା ମନ୍ଧାନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଜଗାଙ୍କୁ ମୁକ୍ତ ହସ୍ତରେ ଦାନ କରୁଛନ୍ତି ଭକ୍ତ



ଭୁବନେଶ୍ୱର,୨୧।୨(ନିପ୍ର): ଗତ ବର୍ଷ ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ ଟଙ୍କା ଦାନ ସଂଗ୍ରହ କରାଯାଇଛି। ଭକ୍ତମାନେ ଉକ୍ତ ବର୍ଷରେ ୩ କିଗ୍ରା ୪୪୧ଗ୍ରାମ ୩୦୦ମିଗ୍ରା ମିଶ୍ରିତ ସୁନା ଓ ୩୩ କିଗ୍ରା ୬୪୮ ଗ୍ରାମ ୯୫୦ ମିଗ୍ରା ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି। ୧୯୮୧ରୁ ୨୦୨୪-୨୫ ସୁଦ୍ଧା ୫୮ କେଜି ୩୧୭ ଗ୍ରାମ ସୁନା ଏବଂ ୧୫୮ କେଜି ୮୩୬ ଗ୍ରାମ ରୁପା ଦାନ ଏବଂ ହୁଣ୍ଡିରୁ ସଂଗ୍ରହ ହୋଇଛି । ସେହିଭଳି ୨୦୧୧ ରୁ ୨୦୨୪-୨୫ ଭିତରେ ହୁଣ୍ଡି ଏବଂ ଅନ୍ୟାନ୍ୟ ଦାନରୁ୩୦୪ କୋଟି ୫୭ ଲକ୍ଷ ଆଦାୟ ହୋଇଛି।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ: ୫ ଗିରଫ

ଭୁବନେଶ୍ୱର,୨୧।୨(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ପଂଚାୟତ ଅଂଚଳର ଜଣେ ୧୨ ବର୍ଷିୟା ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ମାମଲାର ଛାନଭିନ୍ ଆରମ୍ଭ କରିଛି ପୋଲିସ । ଏହି ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲର ସହାୟିକା ସମେତ ୫ ଜଣଙ୍କୁ ଗିରଫ କରିଛି। ଘରୋଇ ଇଂରାଜୀ ସ୍କୁଲରେ ପଢୁଥିବା ଏହି ଛାତ୍ରୀଙ୍କୁ ତାଙ୍କ ବିଦ୍ୟାଳୟର ୪ ଜଣ ଶିକ୍ଷକ ଗତ କିଛି ଦିନ ଧରି ପାଳି କରି ଦୁଷ୍କର୍ମ କରିଥିବା ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ଖେଳ ଛୁଟି ସମୟରେ ଅଭିଯୁକ୍ତ ଶିକ୍ଷକମାନେ ଛାତ୍ରୀଙ୍କୁ ବିଦ୍ୟାଳୟ ଅନ୍ୟତ୍ର ଡାକି ନେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କ ପରିବାର ସଦସ୍ୟ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ନିକଟରେ ଏନେଇ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି । ଅଭିଯୋଗ ପରେ ଶିଶୁ ମଙ୍ଗଳ କମିଟି ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି । ଅଭିଯୋଗ ଲୋକଲୋଚନକୁ ଆସିବା ପରେ ଅଂଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି । ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ରାଜକନିକା ଦେଉଳତରା ପଂଚାୟତ ଅଂଚଳର ପୀଡ଼ିତା ଛାତ୍ରୀ ଜଣକ ସ୍ଥାନୀୟ ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରନ୍ତି । ବିଦ୍ୟାଳୟରେ ଖେଳଛୁଟି ସମୟରେ ଛାତ୍ରୀ ଜଣକ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ସହିତ ଖେଳୁଥିଲେ । ଏହି ସମୟରେ ସମ୍ପୃକ୍ତ ଶିକ୍ଷକମାନେ ପାଳି କରି ତାଙ୍କୁ ଡାକି ନେଇ ଯୌନ ନିର୍ଯାତନା ଦେବା ସହ ଦୁଷ୍କର୍ମ କରିଥିଲେ । ଏହି କାର୍ଯ୍ୟରେ ଜଣେ ଶିକ୍ଷୟିତ୍ରୀଙ୍କ ସେମାନଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି । କିଛି ଦିନ ଧରି ଶିକ୍ଷକମାନେ ଏଭଳି ଅତ୍ୟାଚାର ଚଳାଇଥିବା ବେଳେ ନିକଟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାର ଦିନକ ପୂର୍ବରୁ ଛାତ୍ରୀ ଜଣକ ନିଜ ମା'ଙ୍କ ଆଗରେ ଏସବୁ ଘଟଣା ପ୍ରକାଶ କରିଥିଲେ । ଛାତ୍ରୀଙ୍କ ବାପା ବାହାରେ ରହୁଥିବା ବେଳେ ୪ ଦିନ ତଳେ ଘରକୁ ଫେରିଥିଲେ । ସେ ଏ ବାବଦରେ ଜାଣିବା ପରେ ସିଡବ୍ଲୁସିଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ସବିଶେଷ ବିବରଣୀ ଅବଗତ କରାଇଥିଲେ । ଅନ୍ୟପକ୍ଷରେ ଆମେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛୁ ବୋଲି ସିଡବ୍ଲୁସି ଅଧ୍ୟକ୍ଷା କହିଛନ୍ତି ।

### ନବ ଦାସ ହତ୍ୟା: ପିଏସ୍‌ଓଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡା,୨୧।୨: ନବ ଦାସ ହତ୍ୟା ମାମଲାରେ ପିଏସ୍‌ଓ ମିତ୍ରଭାନୁ ଦେଓଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ଝାରସୁଗୁଡ଼ା ଏଡିଜେରେ ପିଏସଓ ମିତ୍ରଭାନୁ ଦେଓ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ମୁଁ ଗୁଳିମାଡ଼ ଦେଖିନି। ନବ ଦାସଙ୍କ ଗାଡ଼ିରେ ବସି ନଥିଲି, ମୁଁ ପଛ ଗାଡ଼ିରେ ବସିଥିଲି। ଯେତେବେଳେ ବାଣ ଫୁଟିବା ଭଳି ଶବ୍ଦ ହେଲା, ସେତେବେଳେ ମୁଁ ଆସି ଦେଖିଲି ନବ ଦାସ ତଳେ ପଡ଼ି ଯାଇଛନ୍ତି। ନବଙ୍କୁ ଗୁଳିମାଡ଼ କିଏ କରିଛି, ମୁଁ ଦେଖିନି। ସମସ୍ତେ ଗୋପାଳ ଦାସ ଗୁଳି ମାରିଦେଲା ବୋଲି କହିଲେ। ହେଲେ ଗୋପାଳ ଦାସ ଗୁଳି ମାରିବା ସେ ଦେଖି ନାହାନ୍ତିବୋଲି ଅଦାଲତଙ୍କୁ ତାଙ୍କ ବୟାନରେ କହିଥିଲେ। ପିଏସଓ ମିତ୍ର ଭାନୁ ଦେଓ ନବ ଦାସ ହତ୍ୟାକାଣ୍ଡ ଘଟଣାର ୩୮ ତମ ସାକ୍ଷୀ ରହିଥିବା ବେଳେ ୩୯ ତମ ସାକ୍ଷୀ ଭାବେ ନବ ଦାସ ଯେଉଁ ଗାଡ଼ିରେ ବସିଥିଲେ। ସେହି ଗାଡ଼ିର ପଛରେ ଥିଲେ ଆଶିଷ ସାହୁ। ତାଙ୍କୁ ମଧ୍ୟ ଆଜି ଝାରସୁଗୁଡ଼ା କୋର୍ଟ ୩୯ ତମ ସାକ୍ଷୀ ଭାବେ ଜେରା କରାଯାଇଥିଲା। ସେ ତାଙ୍କ ବୟାନରେ ଗାଡ଼ି ପଛରେ ଥିବାରୁ କିଏ ଗୁଳି ମାରିଲା ଜଣାପଡ଼ିଲା ନାହିଁ। କିନ୍ତୁ ସେ ସମୟରେ ସମସ୍ତେ ଗୋପାଳ ଦାସ ଗୁଳି ମାରିଲା ବୋଲି କହିଥିଲେ। ତାକୁ କାବୁ କରିବାକୁ ତା ପଛରେ ଦୌଡି ଥିଲେ ବୋଲି କହିଥିଲେ। ଗୋପାଳ ଦାସ ଗୁଳି ମାରିଛି କି ନାହିଁ ବୋଲି ଜେରାରେ ସେ ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ ବୋଲି ଏହି ମାମଲାକୁ ପରିଚାଳନା କରୁଥିବା ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ କହିଥିଲେ।






34001/115/2526

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)

Ltr. No 2067 // Dtd. 18.02.2026

INVITATTIONS FOR BIDS (IFB)

E-Procurement Bid Identification No. S.E –BNJ-R&B-29 / 2025-26.

| | | | |
|---|---|---|---|
| 1. | Name of work | :- | Shifting and Re-erection of of HT,LT and Sub Station Due to widening and Strengthening of karatali PMGSY to Manikapuru from 0/000Km to 7/440Km (excluding 3/550Km to 6/550Km). |
| 2. | No. of works | :- | 1 No. Electrical work |
| 3. | No. of Covers | :- | Single Cover |
| 4. | Estimated cost | :- | Rs.12.00 lakhs |
| 5. | Period of Completion | :- | Three Calendar Month. |
| 6. | Date of time of availability of bid document in the portal | :- | From 12.00 Noon of dated 24.02.2026 to 5.00 P.M. of dated 06.03.2026. |
| 7. | Last date/time for receipt of bids in the portal | :- | Up to 5.00 PM. of dated 06.03.2026. |
| 8. | Date of opening of bid documents | :- | At 11.00 A.M. of dated 07.03.2026. |
| 9. | Class of Contractor | :- | "HT" Elect. Contractor |
| 10. | Name and address of officer inviting Bid | :- | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Superintending Engineer
Bhanjanagar (R&B) Division

OIPR-34001/34015/1/25-26/

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ